
# ଅଭିସାରିଣୀ

# ଅବକାଶ-ଚିନ୍ତା



ପ୍ରକାଶକ :

ଗୋପବନ୍ଧୁ ସାହିତ୍ୟ ମନ୍ଦିର

**ଗୋପବନ୍ଧୁ ଭବନ**

କଟକ—୧

ଚତୁର୍ଥ ସଂସ୍କରଣ

**ମୂଲ୍ୟ—ଃ ୦ ୴ (୭୫ ନୂ: ପ:)**

ମୁଦ୍ରାକର :

**ଶ୍ରୀ ଉଦୟନାଥ ଷଡ଼ଙ୍ଗୀ**

ସତ୍ୟବାଦୀ ପ୍ରେସ, **କଟକ** -୧

୧୯୫୯



“ନିଜ ସ୍ୱାର୍ଥ ଲାଗି ଜାତ ନୁହେ ହିନ୍ଦୁ,
ବିଶ୍ୱହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।”

# ସୂଚନା

ଆତ୍ମପୁଣ୍ୟାତ୍ମା ଭକ୍ତକବି ଗୋପବନ୍ଧୁଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧଦିବସରେ "ଅବକାଶ-ଚିନ୍ତା" ପ୍ରକାଶ କରିବାରେ କିଛି ବିଶେଷତ୍ୱ ଅଛି । ଗୋପବନ୍ଧୁଙ୍କ ଜୀବନ-ଚରିତ ବହୁମୁଖୀ ଲୀଳା, ଖେଳା, ଭାବନା ଓ ସାଧନାର ସମଷ୍ଟି । କିନ୍ତୁ ସଂସାର-ସ୍ରୋତରେ ମନୁଷ୍ୟ-ଜୀବନ କେତେବେଳେ କି ଗତି ଧରିଥାଏ ନା କାହିଁକି, ଜୀବନର ପ୍ରଭାତ ଓ ପ୍ରଦୋଷ ଯଦି ସମଭାବରେ ପ୍ରକଟିତ ଓ ପ୍ରଭାବିତ ହୋଇଛି, ତେବେ ସେ ଜୀବନ ବିଭୁକୃପାର ଯଥାର୍ଥ ଅଧିକାରୀ; ଯେହେତୁ ସଂସାରର ସବୁ ଘାତ-ପ୍ରତିଘାତ ଭିତରେ ସେ ପଥଭ୍ରଷ୍ଟ ହୋଇ ନ ଥାନ୍ତି । ପ୍ରାଣୀ ଜୀବନ-ପ୍ରଭାତରେ ବିଧାତାଙ୍କର ଯେ ପ୍ରେରଣା ଘେନି ଆସିଥାଏ, ଅନ୍ତିମରେ ସେହି ପ୍ରେରଣା ପ୍ରକଟିତ ହେବା ସ୍ଥିରଲକ୍ଷ୍ୟ ଜୀବନର ପରିଚାୟକ । ଗୋପବନ୍ଧୁ ଜୀବନରେ ଯେତେ ଯେତେ କର୍ମ କରି ଯାଇଛନ୍ତି ଏବଂ ଯେଉଁସବୁ ବହୁମୁଖୀ ଚିନ୍ତାଧାରା ବୁହାଇଦେଇ ଯାଇଛନ୍ତି, ସେସବୁ ଭିତରେ ସରସ କବି-ହୃଦୟର ଈଶ୍ୱର-ବିଶ୍ୱାସ ଓ ଭକ୍ତିଧାରା ତାଙ୍କ ଜୀବନର ପ୍ରଭାତ ଓ ପ୍ରଦୋଷକାଳର କବିତାଛନ୍ଦରେ ସମଭାବରେ ଉଚ୍ଛୁଳି ଉଠିଛି । ବୃକ୍ଷ, ଲତା, ଗିରି, କାନନ, ସୁମନ, ସ୍ରୋତସ୍ୱତୀ, ପଶୁ, ପକ୍ଷୀ, ମାନବ, ସ୍ୱଜାତି, ସ୍ୱଦେଶ, ଅନୁଷ୍ଠାନ, ବନ୍ଧୁ ଓ ଆତ୍ମୀୟସ୍ୱଜନ ସମସ୍ତଙ୍କ ପାଇଁ ସେ କାନ୍ଦିଛନ୍ତି । ଏସବୁକୁ ସେ ବିଭୁ ଭାବରେ ଉପଭୋଗ କରିଛନ୍ତି । ସମସ୍ତଙ୍କ ଗୁରୁଛବି ସେ ତାଙ୍କ କବି-ତୂଳିକାରେ ଚିତ୍ରିଛନ୍ତି । ଏସବୁରେ ନିହିତ ବିଶ୍ୱନିୟନ୍ତାଙ୍କ ବାର୍ତ୍ତା ଓ ବିଭୂତିକୁ ସେ କବିତାର ମୂର୍ଚ୍ଛନାରେ ରୂପରେଖ ଦେଇଛନ୍ତି ।

"ଅବକାଶ-ଚିନ୍ତା" ତାଙ୍କ ଜୀବନ-ପ୍ରଭାତ ଓ ଯୌବନରେ ଲିଖିତ ସେହିଭଳି କ୍ଷୁଦ୍ର ଖଣ୍ଡକବିତାର ଗୁଚ୍ଛ । 'ପ୍ରାର୍ଥନା', 'ବାଣୀ' କବିତାଠାରୁ ଆରମ୍ଭ କରି 'ସାରଳା ଦାସ', 'ଜଗନ୍ନାଥ ଦାସ', 'କବି ଉପେନ୍ଦ୍ର ଭଞ୍ଜ' ଲତାଏତ୍ର 'କାଠଯୋଡ଼ୀ ତୀରେ ସାୟଂକାଳ' 'ଗ୍ରୀଷ୍ମେ ଖୁଣ୍ଟା ଗଛ', 'ମୋ ନାନୀ', 'ଗୋଟିଏ କାଙ୍କଣ ଗଛ', 'ଅନାଥ କଳିକା' ଓ 'ନୀରବ' ପ୍ରଭୃତି କବିତାଗୁଡ଼ିକ ତାଙ୍କର ପ୍ରାରମ୍ଭ ଓ ଯୌବନକାଳୀନ କବି-ଜୀବନର ଲେଖା । ଏସବୁ ସାମୟିକ ଲେଖା ସେତେବେଳେ ପ୍ରକାଶ ପାଉଥିବା 'ମୁକୁର' ପ୍ରଭୃତି ମାସିକ ପତ୍ରରେ ପ୍ରକାଶ ପାଇଥିଲା ଏବଂ ପ୍ରାୟ ୭୦ ବର୍ଷ ପୂର୍ବେ ଏଥିମଧ୍ୟରୁ କେତେଗୁଡ଼ିଏ ଥରେ "ଅବକାଶ-ଚିନ୍ତା" ନାମରେ ଏକ କ୍ଷୁଦ୍ର ପୁସ୍ତିକା ଆକାରରେ ପ୍ରକାଶିତ ହୋଇଥିଲା । ମାତ୍ର ସେ ପୁସ୍ତକର ଆଉ ପୁନର୍ମୁଦ୍ରଣ ହୋଇ ନ ଥିଲା ଏବଂ ସେଥିରେ ସବୁ କବିତାଗୁଡ଼ିକ ସ୍ଥାନ ପାଇ ନ ଥିଲା । ଏଥିମଧ୍ୟରେ ବିଭିନ୍ନ ମାସିକ ପତ୍ରଗୁଡ଼ିକରୁ ସଂଗୃହୀତ ଏହିସବୁ କ୍ଷୁଦ୍ର ଓ ଖଣ୍ଡକବିତା ଆଜି ପ୍ରକାଶ କରାଗଲା । ଏଥିପୂର୍ବରୁ ତାଙ୍କର "ଧର୍ମପଦ" ପ୍ରଭୃତି ଲେଖା ପ୍ରକାଶ ପାଇଛି । ଏବେ ଏହି "ଅବକାଶ-ଚିନ୍ତା"ରେ ଯେ ତାଙ୍କର ସବୁ ଲେଖାର ଶେଷ ସଂଗ୍ରହ ହୋଇଗଲା, ତାହା ମଧ୍ୟ କୁହା ଯାଇପାରୁ ନାହିଁ । କାରଣ ସେ କାଳର ପ୍ରକାଶିତ ଉତ୍କଳର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଥିବା ତାଙ୍କର ସବୁ ଲେଖା ପୁରା ସଂଗ୍ରହ କରିବା ଏପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ । କାଁ ଭାଁ କେଉଁଠାରେ ରହିଯାଇଥିବାର ଆଶଙ୍କା ହୁଏ । ମାତ୍ର ଅଦ୍ୟାବଧି ଯାହା ସଂଗୃହୀତ ହୋଇପାରିଛି, ସେଥିମଧ୍ୟରୁ "ବ୍ରହ୍ମତତ୍ତ୍ୱ" ବା "ନଚିକେତା ଉପାଖ୍ୟାନ" ବ୍ୟତୀତ ସେଗୁଡ଼ିକୁ ଏଥିରେ ପ୍ରକାଶ କରାଗଲା । ତାଙ୍କ ଶେଷ ଲେଖା "ବ୍ରହ୍ମତତ୍ତ୍ୱ ବା ନଚିକେତା ଉପାଖ୍ୟାନ" ଏକ ସ୍ୱତନ୍ତ୍ର କ୍ଷୁଦ୍ର ପୁସ୍ତକ ରୂପେ ପ୍ରକାଶ ପାଇଛି ।

ଭକ୍ତକବି ଗୋପବନ୍ଧୁ ଚତୁର୍ଦ୍ଦଶ ବର୍ଷ ବୟସରେ ତାଙ୍କ ଜୀବନର ପ୍ରଥମ କବିତା ଲେଖିଥିଲେ ବୋଲି ସୂଚନା ମିଳେ ।

ପିଲାଦିନେ ନିଜ ଗାଁରେ ତାଙ୍କ ପିତାମାତାଙ୍କ ପ୍ରତିଷ୍ଠିତ ଭାଗବତ ଘରେ ଯେଉଁ "ଭାଗବତ ସପ୍ତାହ" ବସେ, ସେଥିରେ ଭକ୍ତପ୍ରାଣ ଗୋପବନ୍ଧୁ ବରାବର ବାଲ୍ୟାବସ୍ଥାରୁ ଉପବାସୀ ରହି ହବିଷ୍ୟାନ୍ନ ଖାଇ ଭାଗବତ ପାରାୟଣ କରୁଥିଲେ ଏବଂ ସେହି ଭକ୍ତକବି ଜଗନ୍ନାଥ ଦାସଙ୍କ ନବାକ୍ଷରୀ ଭାଗବତ ତାଙ୍କ ଜୀବନରେ ଭକ୍ତିର ଉତ୍ସ ଫିଟାଇ ଦେଇଥିଲା ଓ ତାଙ୍କ ଜୀବନରେ କବିତାର ପ୍ରଥମ ମୂର୍ଚ୍ଛନା ସେଥିରୁ ହିଁ ପ୍ରକଟିତ ହୋଇଛି । ବିଶ୍ୱପ୍ରୀତି, ସ୍ୱଦେଶ-ମୁକ୍ତି ଓ ଈଶ୍ୱର-ଭକ୍ତି ତାଙ୍କ ଜୀବନବ୍ୟାପୀ ସାଧନା ଓ ଭାବନାର ତ୍ରିବେଣୀ-ଧାରା । ପ୍ରଥମ ସଙ୍ଗୀତ 'ପ୍ରାର୍ଥନା'ରେ ତାଙ୍କର ପ୍ରଭୁପାଦରେ ପ୍ରଥମ ଜଣାଣ ହେଉଛି:—

"ଉତ୍କଳମାତାର ଅତୀତ ଯଶ,
ବିପୁଳ ବିଭବ ବଳ ସାହସ,
ସୁମରଣ ଫାଟିଯାଏ ହୃଦୟ,
ଦେଖି ଅବସ୍ଥାର ଏ ବିପର୍ଯ୍ୟୟ,
ରକ୍ତମାଂସ ଦେହ ଧରି,
ଅଧୀର ଆତୁର କିଏ ସେ ନ ହେବ
ଦେଖି ମାତ୍ର ଏତେ ସରି ହେ ।"

ପୁଣି ଶେଷ ଚରଣରେ ପ୍ରାର୍ଥନା ହେଉଛି:—

"ସଂସାର ତୁମୁଳ ରଣ-ପ୍ରାଙ୍ଗଣେ
ଉତ୍କଳର ଦୀନ ତନୟଗଣେ,
ପଛରେ କେବେହେଁ ନ ପଡ଼ୁ ଦେବ !
ଶ୍ରୀ ମୁଖରୁ ଏହି ଆଦେଶ ହେବ,
ଘେନ ଅପୂର୍ବ ଉତ୍ସାହ
ଭାରତର ମହା- ଜାତୀୟ ତରଙ୍ଗେ
ମିଶୁ ଉତ୍କଳ-ପ୍ରବାହ ଯେ ।"

ବିଶ୍ୱପ୍ରୀତିର ପରାକାଷ୍ଠା ଦେଖାଇ ଅନ୍ୟ ଏକ କବିତାରେ ସେ ପୁଣି ଗାଇଛନ୍ତି—

"ନିଜ ସୁଖ ଲାଗି ଜାତ ନୁହେ ହିନ୍ଦୁ,
ବିଶ୍ୱହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।
ଦେଖାଅ ଏ ସତ୍ୟ ଆପଣା ପରାଣେ,
ଦିଅ ଏହି ମନ୍ତ୍ର ସର୍ବ ବର୍ଣ୍ଣ କାନେ,
ସର୍ବେ ଆମ୍ଭେ ଏକ ଈଶ୍ୱର-ସନ୍ତାନ,
ସାଧ ବିଶ୍ୱହିତ ତେଜି ଅଭିମାନ।"

ସ୍ୱାଧୀନତାର ପିପାସା ତାଙ୍କ ପ୍ରାଣରେ ଚିର ଉଦ୍ଦୀପିତ ହୋଇ ରହିଥିଲା। ତାଙ୍କର ସକଳ ଲେଖା ଓ କବିତାରେ ଏହି ବାସନା ପ୍ରାଣର ଗଭୀର ବେଦନା ଆକାରରେ ପ୍ରକାଶ ପାଇଛି। 'ଗୋଟିଏ କାଙ୍କଣ ଗଛ' ବୋଲି ସେ ଯେଉଁ କବିତାଟି ଲେଖିଛନ୍ତି, ସେଥିରେ କାଙ୍କଣ ଗଛକୁ ରଙ୍ଗା ଦେହରେ ନେଇ ବାନ୍ଧିଦେବାରେ ତାର ଯେ ବିଳମ୍ବ ଘଟିଲା, ସେଥିକୁ ଲକ୍ଷ୍ୟକରି ସେ ଲେଖିଛନ୍ତି—

"ସ୍ୱାଧୀନତାପ୍ରିୟେ! ଧରି ଅପର ଚରଣ
ଭାଗ୍ୟ ଅରଜନୁ ଶ୍ରେଷ୍ଠ ମଣିଲୁ ମରଣ।"

ଈଶ୍ୱର-ଭକ୍ତ ଗୋପବନ୍ଧୁଙ୍କ ସକଳ କାର୍ଯ୍ୟ, ଚିନ୍ତା ଓ କବିତା ଭିତରେ ଅମୃତଧାରା ରୂପେ ରହି ତାଙ୍କୁ ଜୀବନ୍ତ ରଖିଛି। ତାଙ୍କର ସକଳ କବିତାରେ ସେ ବିଭୂପାଦକୁ ବାରବାର ସ୍ମରଣ କରିଛନ୍ତି; ସେ ବିଭୁଭାବର ଉପାସନାରେ ଆତ୍ମବିସର୍ଜନ ଦେଇଛନ୍ତି। 'ଚନ୍ଦ୍ର' ବିଷୟରେ ଯେଉଁ କବିତାଟି ଲେଖିଛନ୍ତି, ତାର ଶେଷ ଚରଣରେ ଗାଇଛନ୍ତି:—

"ନିର୍ଜୀବ ବୋଲିଣ ତୋତେ ବୋଲିବ କେମନ୍ତେ!
ରହୁ ଏ ମୋ ମତ୍ତ ମନ ତୋ ବିଭୁ-ସଙ୍ଗୀତେ।"

'ଅନାଥା କନ୍ୟା' ବିଷୟରେ କବିତା ଲେଖି ତା ଦୁଃଖରେ କାତର ହୋଇ ଲେଖିଛନ୍ତି:—

"ପ୍ରଣୟର ସ୍ଥାନ ନୁହେଁ, ଏ ସଂସାର ଏକା,
ପ୍ରେମେ ପ୍ରଣୟୀ ସଙ୍ଗରେ ହେବ ସ୍ୱର୍ଗେ ଦେଖା ।
ଏହି ଦିବ୍ୟ ସାନ୍ତ୍ୱନାରେ ଆଶ୍ୱାସିଣ ମନେ,
କ୍ଷଣେ ଏଥି ରହି ଚଳ ଅମର ଭୁବନେ ।"

ନିଜ ଜୀବନର ପୂର୍ଣ୍ଣ ଯୌବନ ସମୟ ୧୭ ବର୍ଷ ବୟସର ପ୍ରଥମ ପ୍ରବେଶରେ କବିତା ଲେଖି ସେ ପ୍ରାର୍ଥନା କରିଛନ୍ତି—

"ଧର୍ମ ଅନୁକୂଳ ଯେବେ ମୋ କାମନାଚୟ,
ସାଧନେ ଶକତି ଦିଅ ପ୍ରଭୁ ଦୟାମୟ !"

ବିଶ୍ୱପ୍ରୀତି, ସ୍ୱଦେଶମୁକ୍ତି ଓ ଈଶ୍ୱର-ଭକ୍ତି, ତାଙ୍କ ଚିନ୍ତାର ଏହି ତ୍ରିବେଣୀ-ଧାରା ସେ ତାଙ୍କ ଲେଖା ଓ କବିତାରେ ବୁହାଇ ଦେଇ ଯାଇଛନ୍ତି ଏବଂ ଏ ଭାବରେ ଦେଶବାସୀ ଉଦ୍ଦୀପିତ ହୁଅନ୍ତୁ, ଏ ବାସନା ଓ ବ୍ୟାକୁଳତା ତାଙ୍କ ପ୍ରାଣକୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଆନ୍ଦୋଳିତ କରିଛି । ଆଜି ସେଇ ଉଦ୍ଦେଶ୍ୟରେ ସଂଗୃହୀତ କବିତାଗୁଡ଼ିକୁ "ଅବକାଶ-ଚିନ୍ତା" ପୁସ୍ତକାକାରରେ ତାଙ୍କ ଚତୁର୍ଦ୍ଦଶ ବାର୍ଷିକ ଶ୍ରାଦ୍ଧଦିବସରେ ଦେଶବାସୀଙ୍କ ହାତରେ ଅର୍ପଣ କରୁଛୁ ।

ରାଧାନାଥ ରଥ
ଗୋପବନ୍ଧୁ ସାହିତ୍ୟ ମନ୍ଦିର
ତା ୧୭।୬।୧୯୪୨

# ସୂଚୀ


| | ବିଷୟ | ପୃଷ୍ଠା |
|---|---|---|
| ୧ । | ପ୍ରାର୍ଥନା | ୧—୩ |
| ୨ । | ବାଣୀ | ୪—୫ |
| ୩ । | କବିତା | ୬ |
| ୪ । | ଶମ୍ଭୁକର ବାଜପେୟୀ | ୭—୮ |
| ୫ । | ଭକ୍ତ କବିବର ଶ୍ରୀ ଜଗନ୍ନାଥ ଦାସ | ୯—୧୦ |
| ୬ । | ବଳରାମ ଦାସ | ୧୧—୧୨ |
| ୭ । | ସାରଳା ଦାସ | ୧୩—୧୪ |
| ୮ । | ଅନଙ୍ଗଭୀମ ଦେବ | ୧୫—୧୬ |
| ୯ । | ପୁରୁଷୋତ୍ତମ ଦେବ | ୧୭—୧୮ |
| ୧୦ । | ଉପେନ୍ଦ୍ର ଭଞ୍ଜ | ୧୯—୨୦ |
| ୧୧ । | ସାମନ୍ତ ଚନ୍ଦ୍ରଶେଖର | ୨୧—୨୨ |
| ୧୨ । | ସ୍ୱର୍ଗୀୟ ପଣ୍ଡିତ ହରିହର ଦାସ ଶର୍ମା | ୨୩—୨୫ |
| ୧୩ । | କାଠଯୋଡ଼ୀ ତୀରେ ସାୟଂକାଳ (୧) | ୨୬—୨୯ |
| ୧୪ । | କାଠଯୋଡ଼ୀ ତୀରେ ସାୟଂକାଳ (୨) | ୩୦—୩୩ |
| ୧୫ । | କାଠଯୋଡ଼ୀ ତୀରେ ଚନ୍ଦ୍ରାଲୋକ ନିଶୀଥ | ୩୪—୩୬ |
| ୧୬ । | ଭାର୍ଗବୀ ପ୍ରତି | ୩୭—୪୦ |
| ୧୭ । | ଖଣ୍ଡଗିରି ଶିଖରେ | ୪୧—୪୨ |
| ୧୮ । | କଟକର ଶିଳା ସେତୁ | ୪୩—୪୪ |
| ୧୯ । | ବିଂଶ ଶତାବ୍ଦୀର ପ୍ରଥମ ଦିନ ବାରବାଟୀ ଦର୍ଶନ | ୪୫—୪୮ |
| ୨୦ । | ବାଲଯାତ୍ରା ସନ୍ଧ୍ୟାରେ ମହାନଦୀ ତୀରେ | ୪୯—୫୧ |

| ବିଷୟ | | ପୃଷ୍ଠା |
|---|---|---|


୨୧ । ରେଲ ଉପରେ ଚିଲିକା-ଦର୍ଶନ ... ୫୨—୫୫

୨୨ । ଗଞ୍ଜାମ ଜାତୀୟ ସମିତି ... ୫୬—୫୮

୨୩ । ବ୍ରାହ୍ମଣ ସମିତି ଛାତ୍ରାବାସରେ ସମବେତ ଛାତ୍ରମାନଙ୍କ ପ୍ରତି ୫୯—୬୨

୨୪ । କାମ ... ... ୬୩

୨୫ । କ୍ରୋଧ ... ... ୬୪

୨୬ । ରେଭେନ୍‌ସା କଲେଜରୁ ବିଦାୟ ... ୬୫—୬୭

୨୭ । ମୋ ନାମ ... ... ୬୮

୨୮ । ଛବିଶ ବର୍ଷ ପ୍ରବେଶେ ... ... ୬୯

୨୯ । ବିଷାଦ ସମୟରେ ଲିଖିତ କତିପୟ ପଂକ୍ତି ୭୦—୭୧

୩୦ । ଚନ୍ଦ୍ର ... ... ୭୨—୭୩

୩୧ । ଏକ ଅସହ୍ୟ ବର୍ଷାର ଅବ୍ୟବହିତ ପରେ ନବ୍ରଜ ଦର୍ଶନ ୭୪

୩୨ । ଗ୍ରୀଷ୍ମେ ଖୁଣ୍ଟାଗଛ ... ... ୭୫—୭୭

୩୩ । ଗୋଟିଏ କାଙ୍କଣ ଗଛ ... ... ୭୮

୩୪ । କୋକିଲ ... ... ୭୯—୮୨

୩୫ । ଅନାଥ କଳିକା ... ... ୮୩—୮୫

୩୬ । ଶିବରାତ୍ରି ... ... ୮୬—୮୭

୩୭ । ପଥିକ ... ... ୮୮—୯୦

୩୮ । ଗିରି ଶିଖେ ଲକ୍ଷ୍ୟ ରଖି ଚଳିବ ମୁକର ... ୯୧—୯୩

୩୯ । ନୀରବ ... ... ୯୪

# ଅବକାଶ-ଚିନ୍ତା

## ପ୍ରାର୍ଥନା

ପ୍ରଭୁ ଦୟାମୟ ଜଗତପତି
ଅନାଥର ନାଥ ଅଗତିଗତି,
ତବ ଶ୍ରୀଚରଣେ ଏହି ବିନତି,
କରୁଛୁ ଉତ୍କଳ-ଶିଶୁ ସନ୍ତତି
ମିଳି ଆଜି ଏକମନେ ହେ,
ଦିଅ ନବ ତେଜ ନବୀନ ସାହସ
ଉତ୍କଳମାତା ଜୀବନେ ହେ । ୧ ।

ହିନ୍ଦୁ ଖ୍ରୀଷ୍ଟ ଜୈନ ମୁସଲମାନ
ଭେଦ ଭୁଲି ଏବେ ସର୍ବେ ସମାନ,
ଭ୍ରାତୃ-ପ୍ରେମ-ଡୋରେ ହୋଇଣ ବାନ୍ଧି
ଜଣାଉଛୁ ତବ ଛାମୁରେ କାନ୍ଦି,
ଅରକ୍ଷିତ ଶିଶୁକୁଳ ହେ,
ଜନନୀ ବିପଦେ ଭସାଇ ନ ଦିଅ
କେବେ ପ୍ରଭୁ ଆଦ୍ୟମୂଳ ହେ । ୨ ।

ଉତ୍କଳ ମାତାର ଅତୀତ ଯଶ,
ବିପୁଳ ବିଭବ ବଳ ସାହସ
ସୁମରଣେ ଫାଟିଯାଏ ହୃଦୟ,
ଦେଖି ଅବସ୍ଥାର ଏ ବିପର୍ଯ୍ୟୟ
ରକ୍ତ-ମାଂସ-ଦେହ ଧରି ଯେ,
ଅଧୀର ଆତୁର କିଏ ସେ ନ ହେବ
ଦେଖି ମାତା ଏବେ ସରି ଯେ । ୩ ।

ଅଛି ସେହି ନଦୀ, ଅଛି ସେ ଗିରି,
ଅଛି ସେ ବିପିନ, କାହିଁ ସେ ଶିରୀ ?
ଅଛି ସେହି ସେତୁ, ସେହି ଦେଉଳ,
କାହିଁ ସେହୁ ଦକ୍ଷ କର ସଂକୁଳ ?
କଳା ଯା ଏବେ କୀରତି ଯେ,
ଦଶ ଦିଗ ଶୂନ୍ୟ, କାହିଁ ପୂର୍ବ ପୁଣ୍ୟ,
କାହିଁ ସେ ପୂର୍ବ ଶକତି ଯେ ? ୪ ।

ରହିଅଛି କାବ୍ୟ ନାହାନ୍ତି କବି,
ଅଛି ସେହି ଦେଶ ନାହିଁ ସେ ଛବି,
କାଳବଳେ ସବୁ ସରିଛି ସାର,
ଆହା କି ସୁନ୍ଦର କି ନାରଖାର !
କି ଘୋର କର୍ମବିପାକ ହେ,
ହରି ଏ ଦୁର୍ଗତି ହରି ବିଶ୍ୱପତି
ଶୁଣ ଏ କାତର ଡାକ ହେ । ୫ ।

ସର୍ବ ଧର୍ମଧାମ ପୁଣ୍ୟ ଉତ୍କଳ-
ବଦନେ ବିକାଶୁ ସ୍ମିତ ବିମଳ,
ଜାଗୁ ତଦୁଦରେ ନବ ପରାଣ,
କର ଏ କରୁଣା ଆରତତ୍ରାଣ,
ନୀଳାଚଳ, ନୀଳାଚଳ ହେ,
ହୋଇ ସୁବିଶାଳ ଭାରତ ଭୁବନେ
ପଡ଼ୁ ସତତ ଚହଳ ହେ । ୬ ।

ବ୍ରାହ୍ମଣ-ଶାସନ ଶବରପଲ୍ଲୀ,
କୃଷକ କୁଟୀର ନୃପ ଅଟ୍ଟାଳି,
ଜାତୀୟତା-ସ୍ରୋତେ ହେଉ ପ୍ଲାବିତ,
ଉଠୁ କୋଟି କଣ୍ଠୁ ଜାତୀୟ ଗୀତ,
ତେଜି ସ୍ୱାର୍ଥ ଅଭିମାନ ଯେ,
ଜନନୀ-କଲ୍ୟାଣେ ସାଧୁ ଅନୁଷ୍ଠାନେ
ରହୁ ସଦା ମନ ଧ୍ୟାନ ଯେ । ୭ ।

ସଂସାର ତୁମୁଳ ରଣପ୍ରାଙ୍ଗଣେ,
ଉତ୍କଳର ଦୀନ ତନୟ-ଗଣେ,
ପଛରେ କେବେହେଁ ନ ପଡ଼ୁ ଦେବ,
ଶ୍ରୀଛାମୁରୁ ଏହୁ ଆଦେଶ ହେବ,
ଦେଇ ଅପୂର୍ବ ଉତ୍ସାହ ଯେ,
ଭାରତର ମହା- ଜାତୀୟ ତରଙ୍ଗେ
ମିଶୁ ଉତ୍କଳ ପ୍ରବାହ ଯେ । ୮ ।

# ବାଣୀ

( ୧ )

ସୃଷ୍ଟି ଆଦ୍ୟ କାଳୁ ଦେବୀ ତୋହର ଉତ୍ପତ୍ତି,
ତୋର ନିତ୍ୟ ଲୀଳାଭୂମି ଅନନ୍ତ ଅପାର,
ଅନନ୍ତ ଅଦ୍ଭୁତ ଅଟେ ତୋ ମହାଶକତି,
ସହଜେ ବୁଝିବ କାହିଁ ତାହା ନର ଛାର ।

( ୨ )

ଅନଳେ ଆହୁତିଧାରା କରି ବରଷଣ,
ପୂତନୀରା ସରସ୍ୱତୀ-ପୁଳିନ ପ୍ରଦେଶେ
ଗାଇଲେ ସଙ୍ଗୀତ ଯେବେ ଆଦ୍ୟ ଋଷିଗଣ,
ପ୍ରକାଶିଲୁ ତହିଁ ମାତଃ କି ଶୁଭ୍ର ସୁବେଶେ !

( ୩ )

ସେ କାଳରୁଁ ଶୁଭ୍ର ବେଶ ଦିବ୍ୟ ଭାବମାନ
ବିଭୂସିଣ ଆଲୋକୁଛି ସର୍ବ ବସୁନ୍ଧରା
ତମୋବୃତ କିନ୍ତୁ ଆଜି ଭାରତ-ସନ୍ତାନ,
ନ କରଇ କିଛୁ କିବା କାଳ ପରମ୍ପରା !

( ୪ )

ପଙ୍କଜ-ବାସିନୀ ଦେବୀ ନିତ୍ୟ ବୀଣାପାଣି,
ବାଅ ସେ ଅମର ବୀଣା କୃପା କରି ଥରେ,
ପ୍ରବେଶୁ ତା ଦିବ୍ୟନାଦ ମୃତସଞ୍ଜୀବନୀ
ମୃତ ପ୍ରାୟ ଭାରତର ହୃଦୟ-କନ୍ଦରେ ।

( ୫ )

ଭାରତେ ଉତ୍କଳ ପୁଣି ଅତି ଅଭାଗିନୀ,
ଧନେ, ଜନେ, ମାନେ, ଜ୍ଞାନେ, ବିକ୍ରମ, ସାହସେ,
ଆଦେଶେ ମା ଫୁଟି ତବ ଆବାସ-ନଳିନୀ
ଗୌରବ-ତପନେ ବଢୁ ଉତ୍କଳ-ନଭସେ ।

( ୬ )

ମହାନନ୍ଦେ ବିହରିଣ ନିତି ଜ୍ଞାନ ବନେ
ଶାସ୍ତ୍ର-ସୁମନରୁ ସ·ତ୍ୟ-ମକରନ୍ଦ ରାଶି
ଆହରଣେ ଭକ୍ତିଭରେ ହେ ସୁଧୀବନ୍ଦନେ !
ଖଟନ୍ତୁ ତୋ ପଦଯୁଗେ ଉତ୍କଳ-ନିବାସୀ

ମୁଁ ଅତି ସାମାନ୍ୟ, ମୋର ·ସାମାନ୍ୟ କାମନା,
ପୂରୁ ମାତଃ ବାକ୍ୟ-ଦେବୀ ତୋହର ପ୍ରସାଦେ,
ବାସ୍ତବ ବିଶ୍ୱର ଯେତେ ନୀରସ ଘଟନା
ପ୍ରବେଶ ନ କରୁ କେବେ ମୋ ସୁଖ-ପ୍ରାସାଦେ

( ୮ )

ଆବଦ୍ଧ ନାମଯୁ ଏହୁ ସଂସାର-ଜଞ୍ଜାଳେ
କେବେ ପ୍ରପୀଡ଼ିତ ମୋର ନ ହେଉ ମାନସ,
କଲ୍ପନାର ସୁଖରାଜ୍ୟେ ଦେଖେ କାଲେ କାଲେ
ସ୍ୱର୍ଗୀୟ ସୁଷମା ଆଉ ସ୍ୱର୍ଗୀୟ ରହସ୍ୟ ।

## କବିତା ।

କି ମୋହନ ବେଶ ତୋର ହେ ସୁର-ସୁନ୍ଦରି !
କିଏସେ ଏପରି ଅଛି ଅହୃଦୟ ଜନ,
ତୋତେ ଦେଖି ନ ଯାଏ ଯା ଦୁଃଖ ଅପସରି,
ଆହ୍ଲାଦ-ଅମୃତେ ନୁହେ ପରିପ୍ଲୁତ ମନ ?

ଶୁଦ୍ଧ ସରଳତା ତୋର ବାହ୍ୟ ଆଭରଣ,
ଦିବ୍ୟ ରସମୟ ଭାବେ ଅନ୍ତର ପୂରିତ,
ବାହ୍ୟ ଦୃଶ୍ୟେ ବିମୋହିତ ଜନ ସାଧାରଣ,
ଅନ୍ତର ରସେ ମଗନ କେବଳ ପଣ୍ଡିତ ।

ପ୍ରକୃତିର ବିଚିତ୍ରତା ତୋ ପବିତ୍ର ଅଙ୍ଗେ,
ନାନାବିଧ ମାନବର ବିଭିନ୍ନ ସ୍ୱଭାବ,
ହୋଇଣ ପ୍ରତିଫଳିତ ଆହା କେଡ଼େ ରଙ୍ଗେ !
ଉପୁଜାଏ ହୃଦ-କ୍ଷେତ୍ରେ ନବ ନବ ଭାବ ।

ବିବେକ-ସଙ୍ଗିନୀ ଧନ୍ୟ କଳ୍ପନା-ସୁନ୍ଦରୀ
ଜ୍ଞାନଦାୟୀ ସଦାଶୟା ଭାବନା ସଙ୍ଗତେ,
ନିବସନ୍ତି ବେନି ପଶେ ବେନି କର ଧରି
ଅନୁଗତ ପରିକରୀ ପରିଚର୍ଯ୍ୟେ ନିରତେ ।

ରଜୋଗୁଣମୟୀ ଦେବୀ ବାଣୀ ସ୍ୱରୂପିଣୀ,
ନାନା ଭାବେ ନାନା ସ୍ଥାନେ ହୁଏ ତୋ ପ୍ରକାଶ,
ଏ ମୂଢ଼ ଅଜ୍ଞାନେ ଦୟା କର ଗୋ ଭାବିନି,
ପ୍ରକାଶୁ ଏ ପ୍ରାଣେ ପୁଣ୍ୟ ମଧୁର ଉଚ୍ଛ୍ୱାସ ।

# ଶମ୍ଭୁକର ବାଜପେୟୀ

କି ଭାଷାରେ ଦେବ, ଆମନ୍ତ୍ରିବି ତବ
ସ୍ୱର୍ଗୀୟ ଆତ୍ମାକୁ ଆଜ ?
ସୁଜ୍ଞାନୀ ଧାର୍ମିକ ଗୋଷ୍ଠୀ ପ୍ରବର୍ତ୍ତକ
ହେ ଉତ୍କଳ-ଭରଦ୍ୱାଜ !

ତୁମ୍ଭ ବଂଶୋଦ୍ଭବ ବୋଲି ଗଉରବ
କରନ୍ତି ବିପ୍ର ଅନେକ,
ବର୍ଷ ଶତ ଶତ ହେଲେହେଁ ଅତୀତ
ଅଛି ତୁମ୍ଭ ନାମ ଟେକ ।

ବାଜପେୟ ଯାଗ କରି ମହାଭାଗ
ହେଲ ଜଗେ ପୂତପ୍ରାଣ,
ସ୍ମୃତି ଅଷ୍ଟାଦଶେ ପ୍ରଚାରିଲେ ଦେଶେ
ବେଦ-ବିହିତ-ବିଧାନ ।

ଧର୍ମତତ୍ତ୍ୱେ ରତ ଥିଲେ ହେ ସତତ
ସାହିତ୍ୟ-ଶୋଭା-କାନନେ,
ମାନସ ମିଳିନ୍ଦ ତବ ମକରନ୍ଦ
ଲୁଟି ଚଖାଇଲା ଜନେ ।

ରାଜ-ଅନୁଗ୍ରହ ରାଜ୍ୟ-ପ୍ରତିଗ୍ରହ
କରେ ବ୍ରହ୍ମତେଜ ନାଶ,
ମାନି ରାଜାଦେଶ ତେଣୁ ତେଜି ଦେଶ
କଲ ଚିର କାଶୀବାସ ।

ତଥାପି ସ୍ୱଜନ- ମମତା-ବନ୍ଧନ
ହୃଦେ ଥିଲା ନିରନ୍ତର,
ତରୁଣ ବୟସେ ପେଷିଲ ସ୍ୱଦେଶେ
ଯୋଗ୍ୟ ସୁତ ବିଦ୍ୟାକର ।

ବିସ୍ମୃତ-ତାମସ କରଇ ଗରାସ
ନର-ଭାରତି-ନଭସ୍ୱ,
କିନ୍ତୁ ସାଧୁଭାବ ପବିତ୍ର ପ୍ରଭାବ
ପାଏ ନାହିଁ କେବେ ଲୟ ।

ହେ ସମାଜ-ନେତା, ତବ ସ୍ୱାଧୀନତା
ସ୍ୱଦେଶ-ସ୍ୱଧର୍ମ-ପ୍ରୀତି,
ତେବେ କାହିଁ ଆଜ ସେ ଶକ୍ତି, ସେ ତେଜ,
କିମ୍ପା ଏ ଘୋର ଅନୀତି ?

ହେ ଉତ୍କଳ ଆଦ୍ୟ- ଋଷି ବ୍ରହ୍ମବାଦୀ,
କର ଏହି ଆଶୀର୍ବାଦ,
ପରକାଶୁ ତବ ପ୍ରଚ୍ଛନ୍ନ ପ୍ରଭାବ
ଘୁଞ୍ଚୁ ଜାତି-ଅବସାଦ ।

# ଭକ୍ତ କବିବର ଶ୍ରୀ ଜଗନ୍ନାଥ ଦାସ

ଉତ୍କଳର ବ୍ୟାସ ଜଗନ୍ନାଥ ଦାସ
ବିଷ୍ଣୁ ଅଂଶେ ଅବତାର,
ଭକତ-ପ୍ରଧାନ ଗୂଢ଼ ତତ୍ୱ ଜ୍ଞାନ
କଲେ ସ୍ୱଦେଶେ ପ୍ରଚାର ।

ବେଦ-ମହୋଦଧି ବ୍ୟାସ ତପୋନିଧି
ମନ୍ଥି ଯେ ତତ୍ତ୍ୱ ସକଳେ,
ଉଦ୍ଧରି ପୁରାଣେ ନାନା ଉପାଖ୍ୟାନେ
ପ୍ରକାଶିଥିଲେ ସରଳେ ।

ସଂକ୍ଷିପ୍ତ ସଂସ୍କୃତ ଅମୂଲ୍ୟ ଆଧାରେ
ଥିଲା ଯେ ଅମିୟ ରସ,
ସର୍ବେ ଦୁଃଖୀ ଧନୀ ପଣ୍ଡିତ ଅଜ୍ଞାନୀ
ନ ପାଇଲେ ସମ ଅଂଶ ।

ତେଣୁ ବାରସ୍କନ୍ଧ 'ପ୍ରାକୃତ ପ୍ରବନ୍ଧ'
ଗୀତେ କଲେ ପରକାଶ,
ଥିବାଯାଏ ଭୂମି ଗାଇବ ଓଡ଼ିଶା
"କହେ (କହଇ) ଜଗନ୍ନାଥ ଦାସ ।"

ନୃପତି-ନବରେ          କୃଷକ-କୁଟୀରେ
ଆଜି ଛୁଟେ ତୁମ୍ଭ ନାମ,
ଦିନ ଅବସାନେ          ଶ୍ରମକ୍ଳାନ୍ତ ଜନେ
ଦେଉଛି ଶାନ୍ତି ଆରାମ ।

ବ୍ରାହ୍ମଣ ଚଣ୍ଡାଳ          ପ୍ରେମେ ଏକମେଳ
ଧର୍ମ୍ମଭାବେ ହୋଇ ମତ୍ତ,
ବିପଦେ ସମ୍ପଦେ          ଗାଆନ୍ତି ଆନନ୍ଦେ
ସ୍ଥାନେ ସ୍ଥାନେ 'ଭାଗବତ' ।

ସୁକବି ପ୍ରଶଂସା          ପାଇବାକୁ ଆଶା
ମନରେ ନ ଥିଲା ପୋଷି,
ତଥାପି ଉତ୍କଳ—          ଭାଷା କବିକୁଳ
ହେବେ ତୁମ୍ଭ ନାମ ଘୋଷି ।

ତୁମ୍ଭ ସମାଧିରୁ          ଆହେ କବିଗୁରୁ !
କେତେ ଦାର୍ଶନିକ କବି
ଜନମିଣ କାଳେ          ଉତ୍କଳ-ସାହିତ୍ୟେ
ଦେବେ ନବ ନବ ଛବି ।

କେତେ ଧର୍ମ୍ମବୀର          ଦେବେ ନିଜ ଶିର
ସ୍ୱଦେଶ ସ୍ୱଧର୍ମ୍ମ ହିତେ,
ଅସଂଖ୍ୟ ନାସ୍ତିକ          ହୋଇବେ ପ୍ରେମିକ
ତୁମ୍ଭ ମଧୁମୟ ଗୀତେ ।

# ବଳରାମ ଦାସ

କି ମଧୁର ନାମ          ଭକ୍ତ ବଳରାମ
ଉତ୍କଳବାସୀ-ଶ୍ରବଣେ;
ସାହିତ୍ୟ-ସଂସାରେ          କଠୋର ସାଧକ
କାହିଁ ତୁମ୍ଭ ପରି ଜଣେ ?

ବାଲ୍ମୀକି ବ୍ୟାସ          ଅନ୍ତର-ଉଚ୍ଛ୍ୱାସ
ଯମୁନା-ଜାହ୍ନବୀ ପରି
ପ୍ରୟାଗ ପରାଏ          ଏକାଧାରେ ଜାଏ
ପାରେ ତୁମ୍ଭ ବନେ ଧରି ।

'ଗୀତା' ଗୂଢ଼ ବାଣୀ          ଲୋକରେ ବଖାଣି
ପସୁରିଲ ତତ୍ତ୍ୱ ଜ୍ଞାନ,
ଧର୍ମ ସାଧାରଣ          କରିବା କାରଣ
କଲ ଆନ ଗୀତାମାନ (୧) ।

"କମଳ ଲୋଚନ"          କୋମଳ ବଚନ
ଶିଶୁମୁଖେ ଜଣେ ଜାଣା,
ବୃଦ୍ଧ ଯୁବା ଯୋଗୀ          ଭକ୍ତ ଅନୁରାଗୀ
ସର୍ବେ ତବ ପଦେ କିଣା ।

ଦୁର୍ଲ୍ଲଭ ସଂସ୍କୃତ-          ଗ୍ରନ୍ଥେ ଯେ ଅମୃତ
ରଖିଗଲେ ବାଲ୍ମୀକି,
କେବଳ କୋବିଦ          ପାଇଲେ ଆସ୍ୱାଦ
ମିଳିଲା ନାହିଁ ସଭିଙ୍କି ।

---

(୧) ନାମରତ୍ନ ଗୀତା, ଉଦ୍ଧବ ଗୀତା, ଗୁପ୍ତ ଗୀତା ଇତ୍ୟାଦି ।

ପଣ୍ଡିତ ପାଷଣ୍ଡ   ମୂଢ଼ ମୂର୍ଖ ଗଣ୍ଡ
ତୋଷିବାକୁ ମନେ ଭାଳି,
ମୃତ୍ତିକା ଆଧାରେ   ଦେଲ ଦ୍ୱାରେ ଦ୍ୱାରେ
'ରାମାୟଣ'-ସୁଧା ଢାଳି ।

ତୁଏ ମୋ ପ୍ରଣତ   ନୀଳାଚଳପତ
ଭକତ-ବନ୍ଧୁ ଠାକୁର,
ଉତ୍କଳ-କଲ୍ୟାଣେ   ଯୁଗ-ଅଭିଯାନେ
ଜିଣିଲେ ଯେ କାଞ୍ଚିପୁର ।

କବି ରୂପେ ପୁଣି   ଅବତରି ବେନି (୧)
ଜଗନ୍ନାଥ, ବଳରାମ,
ଧର୍ମ୍ମ-କର୍ମ୍ମ-ଦୀକ୍ଷା   ସାହିତ୍ୟ ସୁଶିକ୍ଷା
ପ୍ରଚାରି ରଖିଲ ନାମ ।

ଏବେ ନୀଳାଚଳେ   ରହିଛ ନିଷ୍ଫଳେ
ଦେଖି ଏ ଦଶା କପର ?
ଗୁଞ୍ଜଣ ଆସ୍ଥାନ   ଆସ ଆର୍ତ୍ତତ୍ରାଣ !
ଚଳ ଅ ଉତ୍କଳ-ଭରସା ।

---

(୧) ଜଗନ୍ନାଥ ଦାସ ଓ ବଳରାମ ଦାସ ପଞ୍ଚସଖାରୁ ଯୋଡ଼ିଏ ସଖା । ଯେପରି ଚୈତନ୍ୟଙ୍କ ଶିଷ୍ୟମାନେ ଚୈତନ୍ୟଙ୍କୁ ଓ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟମାନେ ପରମହଂସଙ୍କୁ ଅବତାର ବୋଲି ବିଶ୍ୱାସ କରନ୍ତି, ପଞ୍ଚସଖାଙ୍କର ସମ୍ପ୍ରଦାୟମାନେ ସେହିପରି ଜଗନ୍ନାଥ, ବଳରାମ, ଅନନ୍ତ, ଅଚ୍ୟୁତ ଓ ଯଶୋବନ୍ତଙ୍କୁ ଅବତାର ବୋଲି ମାନନ୍ତି ।

# ସାରଳା ଦାସ

ତପସ୍ୱୀ ସତ୍ତମ          ଭକ୍ତ ଅନୁପମ
ହେ ଭାରତୀ ଜ୍ୟେଷ୍ଠ ସୁତ :
ତବ ପରସାଦେ          ସାହିତ୍ୟ-ସମ୍ପଦେ
ଆମ୍ଭେ ସର୍ବେ କୃତକୃତ୍ୟ ।

ଭାଷା ଆଦ୍ୟ କାଳେ          ଅନ୍ଧାର ଉତ୍କଳେ
ସମୁଜ୍ଜ୍ୱଳ ନବ ରବି,
ପଣ୍ଡିତେ ପାଷଣ୍ଡେ          ହାଟେ ବାଟେ ଦାଣ୍ଡେ
ଦେଖାଇଲ ଦିବ୍ୟ ଛବି ।

ମହା          ଜଟିଳ ବିସ୍ତର
ଧର୍ମନୀତି ରାଜନୀତି,
ଦୈବ ବଳେ କଲ          ସୁନ୍ଦର ସରଳ
ଶିଶୁକଣ୍ଠ-ଗେୟ ଗୀତି ।

ଓଜ ତେଜ ବଳ          ଶକତି ଅତୁଳ
ପୂରିଛି ପଦ ; ବନ୍ଧେ,
ଭବଗାମୀ ଭାଷା          କଲ ମହାଯଶା
ବାନ୍ଧି ନୋହୁ ଛନ୍ଦୋବନ୍ଧେ ।

ତୁମ୍ଭ ବୀରବାଣୀ          ସଂଗ୍ରାମ-କାହାଣୀ
ଶ୍ରବଣେ ଆଜି ଉତ୍କଳେ,
ଚିର ପରାଧୀନ          କ୍ଷୀଣ ଜଡ଼ ପ୍ରାଣ
ଜାଗେ କ୍ଷଣ ନବବଳେ ।

ତୁମ୍ଭ ଗୀତେ ସିନା          ଶକ୍ତିଶାଳୀ ସେନା
ହୋଇଣ କୃଟକପନ୍ତ,
ଜିଣି ଶତ୍ରୁଗଣେ          ଉଡ଼ାଇଲେ ରଣେ
ଉତ୍କଳର ବୈଜୟନ୍ତୀ ।

ଉଠ ଶୁଦ୍ଧ ମୁନି !          କେତେ କାଳ ତୁମ
ହୋଇ ରହିଥିବ ଆଉ,
ଭାରତ ଭଇଲେ          ନବ ଜ୍ଞାନ-ଦୀପ
ଜଳୁ ଥରେ ଦାଉ ଦାଉ ।

ଉଠୁ ଘରେ ଘରେ          ଅକୁଣ୍ଠିତ ସ୍ୱରେ
ସ୍ୱାଧୀନ ସଙ୍ଗୀତ-ଧ୍ୱନି,
ଗାଆନ୍ତୁ ଉତ୍କଳେ          ବୃଦ୍ଧ ଯୁବା ବାଳେ
"ଜୟ ଭାରତ ଜନନୀ" ।

# ଅନଙ୍ଗଭୀମ ଦେବ

ଭୀମ ପରାକ୍ରମ ହେ ଅନଙ୍ଗଭୀମ !
କପରି ଥିବ ପରତେ
ରାଜ-ସିଂହାସନ ରାଜିଥିଲ ଦିନେ
ବିଶାଳ ଉତ୍କଳେ ସତେ ?

ସତେ କି ହେ ଭୂମୁ ଅଗଣିତ ଚମୂ
ପଲକେ ହୋଇଣ ଲି,
ଯାର ଦର୍ପଭରେ ଅରାତି-ଅନ୍ତରେ
କରୁଥିଲ ଶଙ୍କାକୁଳ ?

ଏ କି ସେ ଉତ୍କଳ ଯାର ଉଚ୍ଚ ସ୍ଥଳ
କୃଷ୍ଣମୀ ବିରାଟ ଆଡ଼,
ଜାତି ଗଉରବେ ଜିଣିଲେ ଆହବେ
ଦୂର ଗଉଡ଼ କର୍ଣ୍ଣାଟ ।

ଥିଲା କି ହେ ଦିନ ଯେବେ ପ୍ରଜାଗଣ
ପିତୃତୁଲ୍ୟ ସୁଶାସନେ,
ଧନ ଜ୍ଞାନ ବଳ ଅର୍ପିଲେ ସକଳ
ସ୍ୱଧର୍ମ୍ମ ଶ୍ରେୟଃ ସାଧନେ ।

ମିଥ୍ୟା ବୋଲି ଅବା     କେମନ୍ତେ ବୋଲିବା
ଦେଖୁଁ ଏବେ·ନିଜ ନେତ୍ରେ,
ଧରି ଦର୍ପ ଦମ୍ଭ     ରୁମ୍ଭ କୀର୍ତ୍ତି-ସ୍ତମ୍ଭ
ରାଜେ ନୀଳାଚଳ କ୍ଷେତ୍ରେ ।

ନୀରବ ତାଡ଼ନା     ପବିତ୍ର ପ୍ରେରଣା
ଦିଏ ନିସ୍ପନ୍ଦ ଉତ୍କଳେ,
ଅତୀତ ବିଭୂତି—     ଗଉରବ ସ୍ମୃତି
ଜଗାଏ ହୃଦେ ଉଜ୍ଜ୍ୱଳେ ।

ସ୍ମୃତି ବଳେ କୃତୀ     ହୋଇ କେତେ ଜାତି
ଜଗତେ ଟେକନ୍ତି ମଥା,
କିମ୍ବା ସେ ବିଧାନ     ପୁରାଣ-ପ୍ରଧାନ
ଉତ୍କଳ ପକ୍ଷେ ଅନ୍ୟଥା ?

ଉଠ ହେ ଉତ୍କଳୀ !     ଜଡ଼ତା-ଶିକୁଳି
ଫିଙ୍ଗିଣ ଦୂରେ ବନ୍ଧନ,
ଅମର ଭୁବନୁଁ     ଶ୍ରୀ ଅନଙ୍ଗଦେବ
କରୁଛନ୍ତି ଆମନ୍ତ୍ରଣ ।

କର୍ଣ୍ଣ ଡେରି ଶୁଣ     ସେ ଦିବ୍ୟ ଆହ୍ୱାନ
ସ୍ମର ପୂର୍ବ ଯଶ ବାରେ,
ପୂର୍ବ ବଂଶ ନାମେ     ଶ୍ରୀ ଅନଙ୍ଗଭୀମେ
ପୂଜ ସୌର୍ଯ୍ୟ ଉପହାରେ ।

# ପୁରୁଷୋତ୍ତମ ଦେବ

ଅମିତ ବିକ୍ରମ ଶ୍ରୀ ପୁରୁଷୋତ୍ତମ
"ମ୍ଳେଚ୍ଛକୁଳ ଧୂମକେତୁ"
ତବ ନାମ ଆଜ ଉତ୍କଳ ସମାଜ
ଜାତୀୟ ଗୌରବ ହେତୁ ।

ତୁମ୍ଭ ଯଶରାଶି ସାକ୍ଷୀରୂପେ ବସି
ବକୁଳ-ବନ-ବିହାରୀ
କରନ୍ତି ପ୍ରକାଶ ପୂର୍ବ ଇତିହାସ
ସତ୍ୟବାଦୀ ବଂଶୀଧାରୀ ।

ଯୁଦ୍ଧ-ଅଭିଯାନ କରେ କବି ଗାନ
ହେ ପ୍ରତାପୀ ଶତ୍ରୁଜେତା !
ତବ କାଞ୍ଚି ଜୟ ରଙ୍ଗେ ଅଭିନୟ
କରେ ଏବେ ଅଭିନେତା ।

ଗାଏ ଜନଶ୍ରୁତି ଅତୁଳ ବିଭୂତି
ଅନୁପମ ଭକ୍ତି ତବ,
ଯାର ବଳେ ନିଜେ ରଣେ ହେଲେ ବିଜେ
ସୈନିକ ରୂପେ କେଶବ ।

ସତେ କି ନୃମଣି !          ଉତ୍କଳ-ଧରଣୀ
ଥିଲା ଏତେ ତେଜସ୍ୱିନୀ,
ସତ୍ୟ କି ସକଳ          ଅତୀତ ଉଜ୍ଜ୍ୱଳ
ଓଡ଼ିଆ ଗର୍ବକାହାଣୀ !

ଏକଛତ୍ର ତଳେ          ଏକତାର ବଳେ
ଜିଣିଲୁ ଧନେ ଯେ ଦେଶ,
ସ୍ୱାର୍ଥ ଅଭିମାନେ          ଆଜି ତା ସନ୍ତାନେ
କରନ୍ତି ସୋଦର-ଦ୍ୱେଷ ।

ଦେଖି ଏ ଦୁର୍ଗତି          ହୁଏ କି ପ୍ରତୀତି
ଉଡ଼ାଇ ବିଜୟ-ଧ୍ୱଜା,
ଉତ୍କଳ-କୁମରେ          ଦେଶ ଦେଶାନ୍ତରେ
କମ୍ପାଇଲେ ଶତ୍ରୁ-ମଜ୍ଜା ।

କୃଷ୍ଣା ଗୋଦାବରୀ          ଉତ୍ତୁଙ୍ଗ ଲହରୀ
ଉଚ୍ଛୁଳିଥିଲା ଯେ ନାଦେ,
ସେ ଶଙ୍ଖ ମହୁରୀ          ଶିଙ୍ଗା ଭେରୀ ତୂରୀ
ନିଃଶେଷ କି ଅବସାଦେ ?

ନ ରହିବ କେହି          ଚିର ଦୁଃଖ ସହି
ବିଧିର ସୃଷ୍ଟି-ବିଧାନ,
ବାଜୁ ଭେରୀ ଡଙ୍କା          ଉଠୁ ହୁଙ୍କୁଁ ଦଙ୍କା
ଜାଗୁ ଉତ୍କଳ-ପରାଣ ।

# ଉପେନ୍ଦ୍ରଭଞ୍ଜ

କବିକୁଳ କଞ୍ଜ     ଉପଇନ୍ଦ୍ର ଭଞ୍ଜ
ନମେ ତବ ପଦତଳେ,
କାବ୍ୟ-ସୁମାଧୁରୀ     ଭାଷା-ସୁଚାତୁରୀ
ପରକାଶିଲ ଉତ୍କଳେ ।

ଜନ୍ମି ରାଜକୁଳେ     ବଇଭବ କୋଳେ
ଅତୁଳ ସୁଖ-ସଦନେ,
ତେଜି ହେ ସମ୍ଭୋଗ     ଆଚରିଲ ଯୋଗ
ବୀଣାପାଣି ଆରାଧନେ ।

ଅତି ମନୋହର     ସ୍ୱରୂ ଚମତ୍କାର
ଶତ ମାନସୀ ପ୍ରତିମା,
କାବ୍ୟ ଚିତ୍ରପଟେ     ଉତ୍କଳେ ପ୍ରକଟେ
ତୁମ୍ଭ ପ୍ରତିଭା ଗରିମା ।

କଳ୍ପନାର କାଚେ     ତବ ହୃଦ ଛାଞ୍ଚେ
ନବ ବର୍ଣ୍ଣେ ପ୍ରତିଫଳି,
ନବ ଅଲଙ୍କାରେ     ଶୋଭେ କି ରୁଚିରେ
ପୁରାଣ ଘଟଣାବଳି ।

ହେ କବିଶେଖର        ଭକ୍ତ କବିବର !
କୋଟି ଉତ୍କଳ-ସନ୍ତାନେ,
ଆଜି ନବଯୁଗେ        ଧନ୍ୟ ଧନ୍ୟବାଦ
କରୁଛନ୍ତି ତୁମ୍ଭ ନାମେ ।

ଗାଏ ତୁମ୍ଭ ଗୀତ        ସଭରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା,
ବିଲେ ବୋଲେ ଚଷା        ଅନ୍ତଃପୁରେ ଯୋଷା
ନୃତ୍ୟରଙ୍ଗେ ବାରାଙ୍ଗନା ।

କାଳ ବଳିଆର        ଆଣଇ ସଂସ୍କାର
ନବ ରୁଚି ନବଜ୍ଞାନ,
କିନ୍ତୁ 'ବୈଦେହୀଶ-        ବିଳାସ' ପାଇବ
କାଳେ କାଳେ ଉଚ୍ଚ ସ୍ଥାନ ।

ସୃଜଣ ସ୍ୱହସ୍ତେ        ଓଡ଼ିଆଙ୍କ ଭାଷା
ଗଢ଼ିଛ ଓଡ଼ିଆ ଜାତି,
ତବ ଜନ୍ମସ୍ଥାନ        ଓଡ଼ିଶାରୁ ଆଜ
ଖସିଲେ ବଦରେ ଯୁକ୍ତ ।

ତଥାପି ଅନେକ        ସାହିତ୍ୟ-ସେବକ
ଭାବୀ ଉତ୍କଳ ନନ୍ଦନ,
ପୁଣ୍ୟ ତୀର୍ଥ ମଣି        ଘୁମୁସର ପଦେ
କରିବେ କତି ବନ୍ଦନ ।

## ସାମନ୍ତ ଚନ୍ଦ୍ରଶେଖର *

ଉତ୍କଳ-ଭାସ୍କର    ହେ ଚନ୍ଦ୍ରଶେଖର !
ଋଷିପ୍ରଭ ମହାମତ,
'ସିଦ୍ଧାନ୍ତ-ଦର୍ପଣେ'    ଦେଖି ଦେଖାଇଲ
ଚନ୍ଦ୍ର ତାରା ଗ୍ରହ ଗତ ।

ପାର୍ଥିବ ଶରୀରେ    ରହିଛ ମହୀରେ
କିନ୍ତୁ ଏଥି ନାହିଁ ଦୃଷ୍ଟି,
ଦିବ୍ୟସୁଖେ ନିତ    ନିରେଖ ବିଧାତା
ବିଚିତ୍ର ସ୍ୱରଗ ସୃଷ୍ଟି ।

ଯଶ ପ୍ରତି ଆଶା    ଆହେ ମହାଯଶା
ନ ପୋଷ ହୃଦୟେ କ୍ଷଣେ,
ସତ୍ୟ ଲାଗି ସତ୍ୟ    ନିଃସ୍ୱାର୍ଥେ ଖୋଜିଲ
ଆଜୀବନ ତ୍ରିଭୁବନେ ।

ପଡ଼ା ଖଣ୍ଡ ମଧ୍ୟେ    ଅଲକ୍ଷିତେ ଧନ
ପାଇଲ ଧରଣୀ ହିତେ,
ପଡ଼ା ଖଣ୍ଡେ ସୁନ୍ଧା    ଉପହାର ଦେବା
କେହ୍ନ ନ ବସ୍ତୁରେ ଚଢ଼େ ।

---

*ଜୀବିତ ସମୟରେ ଲିଖିତ ।

ଶୁକ୍ତିକା ଅନ୍ତରେ          ମୌକ୍ତିକ ପରାଏ
ଉତ୍କଳେ ତୁମ୍ଭ ସମ୍ଭବ,
ଅଜ୍ଞାନ ଉତ୍କଳ          ନ ଜାଣିଲା ଲବେ
ତୁମ୍ଭ ପ୍ରତିଭା-ବିଭବ ।

ସ୍ୱଦେଶର ଘୋର—          ଜଡ଼ତା-ଅନ୍ଧାର
ରୋଧିଲା ପ୍ରଭା-ବିକାଶ,
ତଥାପି ବିଦେଶେ          ତନ୍ତ୍ରର ଗ୍ରାହକେ
ଲଭିଲେ କ୍ଷୀଣ ଆଭାସ ।

ଜନ ବୁଲ୍ ବଳେ          ବିଜ୍ଞାନ ଆଲୋଡ଼ି
ପାଇଲ ସୁଦିବ୍ୟ ତତ୍ତ୍ୱ,
ଧନ୍ୟ ହେ ଯୋଗେଶ !          ରତ୍ନ ତାଙ୍କ ଯଶ
ବୁଝିଲେ ତୁମ୍ଭ ମହତ୍ତ୍ୱ ।

ଅରଣ୍ୟ-ନିବାସୀ          ଜ୍ଞାନ ଅଭିଳାଷୀ
ମୁନି ସମାନ ସରଳ,
କେଉଁ ମନ୍ଦ ଗ୍ରହ          ଆବୋରିଛି କହ
ଉତ୍କଳର କର୍ମସ୍ଥଳ ?

'ସିଦ୍ଧାନ୍ତ-ଦର୍ପଣେ'          ସ୍ୱଦେଶର କୋଷ୍ଠି
ଦେଖି କର ଏକ ଲକ୍ଷ୍ୟ,
କହ କହ କେବେ          ଦୁର୍ଦ୍ଦଶା ଏହାର
ପାଇବ କି ସତେ କ୍ଷୟ !!

## ସ୍ୱର୍ଗୀୟ ପଣ୍ଡିତ ହରିହର ଦାଶ ଶର୍ମା*

ଅହେ ହରିହର ! ସୁଯୋଗ୍ୟ କୁମର
ଥିଲ ଉତ୍କଳମାତାର,
କି ମଙ୍ଗଳ କ୍ଷଣେ ଉତ୍କଳ-ଭୁବନେ
ହୋଇଲ ତୁମ୍ଭ ଅବତାର !

ସମାଜ-ଦୁର୍ଗତି ସମୟର ଗତି
ବୁଝିଥିଲ ତୁମ୍ଭେ ଏକା,
ସଂସାର-ବାସନା ସାଧୁ ପ୍ରାଣେ ସିନା
ତେଣୁ ଦେଇଥିଲ ଦେଖା ।

---

* ଏ ଜଣେ ପୁରୀର ବିଖ୍ୟାତ ପଣ୍ଡିତ ଥିଲେ । ଏହାଙ୍କ ଯତ୍ନରେ ପୁରୀ ସଂସ୍କୃତ ବିଦ୍ୟାଳୟ ସଂସ୍ଥାପିତ । ଭାରତର ନାନା ସ୍ଥାନର ସଭାମାନଙ୍କରେ ଏ ନିଜ ଅସାଧାରଣ ବାଗ୍ମିତାର ପରିଚୟ ଦେଇଥିଲେ । ୫୫ ବର୍ଷ ସମୟରେ ମାନବଲୀଳା ସମ୍ବରଣ କରିବାରୁ ନିଜର ଉଚ୍ଚ କଳ୍ପନାମାନ କାର୍ଯ୍ୟରେ ପରିଣତ କରିପାରିଲେ ନାହିଁ ।

କେତେ ଦୃଢତର — ଲଭିଥିଲା ଠାବ
ତୁମ୍ଭ ଉଦାର ହୃଦୟେ,
କି କଲା ଦଇବ — କେ ତାହା ସମ୍ଭବ
ଚାଲିଗଲ ଅସମୟେ ।

ମୂକ ହୋଇକରି (୧) — ଆଜିଯାଏ ଧରି
ଯେବେ ରହିଥାନ୍ତ ବସି,
ଓଡ଼ିଆଙ୍କ ହାତେ — ଦେଇଥାନ୍ତ ସତେ
ଉନ୍ନତି-ଭଣ୍ଡାର-କଞ୍ଚି ।

ନବ୍ୟ ଯୁବଜନ — ଜୁଟି ସମ୍ମିଳନ
କରିବ ଏବେ କିଏସେ ?
ଉତ୍ସାହ ଉଦ୍ୟମ — ସାହସ ଅଦମ୍ୟ
କାହିଁ ଏ ଉତ୍କଳ ଦେଶେ !

ପାଞ୍ଚୁଥିଲ ମନେ — ଭେଟିବେ ବ୍ରାହ୍ମଣେ
ଯେବେ ତଜି କୁସଂସ୍କାର,
ଅନ୍ୟ ଯେତେ ଜାତି — ଉଠିବେ ସଂହତି
ହେବ ଉନ୍ନତି ପ୍ରଚୁର ।

ନିଦାରୁଣ କାଳ — କନ୍ତୁ ଏ ସକଳ
ସହି ନ ପାରିଲା କ୍ଷଣେ;
ବନଫୁଲ ପରି — ଅଚିରେ ବିକଶି
ଝାଉଁଳି ପଡ଼ିଲ ବଣେ ।

---

(୧) ମରିବାର ଏକବର୍ଷ ପୂର୍ବରୁ ଏ ମହୋଦୟ ମୂକ ହୋଇ-ଯାଇଥିଲେ ।

### ସ୍ୱର୍ଗୀୟ ପଣ୍ଡିତ ହରିହର ଦାଶ ଶର୍ମା

କିଶୋର ବୟସେ          କେତେ ସ୍ୱାର୍ଥତ୍ୟାଗ
କରିଥିଲ ଦେଶ-ହିତେ,
ଏବେ ଦେଶ ଦଶା          ଆହେ କ୍ଷଣଜନ୍ମା !
ନ ପଡ଼େ କି ଦିବ୍ୟ ଚକ୍ଷେ ?

ଉତ୍କଳମଣ୍ଡଳେ          ନବ୍ୟ ସଭ୍ୟ ଦଳେ
ସର୍ବେ ଆଜ ସ୍ୱାର୍ଥପର,
ଆସ ହରିହର          ପଣ୍ଡିତ ପ୍ରବର
ସମାଜ ସଂସ୍କାର କର ।

# କାଠଯୋଡ଼ୀ ତୀରେ ସାୟଂକାଳ

( ୧

ଅତି ରମଣୀୟ କାଠଯୋଡ଼ୀ ତୀର,
ଧୀରେ ଧୀରେ ବହେ ଶୀତଳ ସମୀର ।
କଲ୍ଲୋଳିନୀ ବହୁ ସଲିଳ ସମ୍ପଦେ,
ପୂଜିବାକୁ ଧାଏଁ ମହାର୍ଣ୍ଣବ ପଦେ ।
ସ୍ତରେ ସ୍ତରେ ଉଠି ଉନ୍ନତ ଲହରୀ,
ପକାଏ ଉଠାଏ ପ୍ରତିକ୍ଷଣେ ତରୀ ।
ପାରହେବା ଲୋକେ ମନେ କରି ଭୟ,
ଲଗାନ୍ତି ଆପଣା ଇଷ୍ଟଦେବେ ଲୟ ।
ସୁଦକ୍ଷ ନାବିକ ବୁଦ୍ଧି କଉଶଳେ,
ଚଳାଏ ତରଣୀ ନିଜ ବାହୁବଳେ ।
ସାହସେ ଆହୁଲା ମାରେ ତରତର,
ନାକ ଫଣ୍ଡିବାକୁ ନାହିଁ ଅବସର ।
ସାମାନ୍ୟ ଏ ନଦୀ ଏପରି ଦୁର୍ଗମ,
ଭବ-ସିନ୍ଧୁ ଆହା ନୁହେ କି ବିଷମ

## କାଠଯୋଡ଼ୀ ତୀରେ ସାୟଂକାଳ

ବିନା ଶ୍ରମ ଯତ୍ନେ କିଏ ହେବ ପାର,
ଦୁସ୍ତର ଅନନ୍ତ ଭବ-ପାରାବାର ?
ନୈତିକ ସାହସେ ହୋଇଣ ସାହସୀ
କର୍ତ୍ତବ୍ୟ-ରୂପିଣୀ ତରୀ ପରେ ବସି,
ବିବେକ-ଆହୁଲା ଅବିରତେ ମାର,
ହେବ ଯେବେ ଭବ-ମହାସିନ୍ଧୁ ପାର ।
ବ୍ରାହ୍ମଣ ଚଣ୍ଡାଳ ଧନେଶ ଭିଖାରୀ,
ଏକ ନାବେ ବସି ହେଉଛନ୍ତି ପାରି ।
ବିକାର କାହାରି ମନେ ନାହିଁ ଲବେ,
ଧର୍ମ-ନାବେ ସମ ଅଟନ୍ତି ସରବେ ।
ଧନ୍ୟ କାଠଯୋଡ଼ୀ ତ୍ରିସ୍ରୁ ଶୈବଳିନି,
ଧନ୍ୟ ପୂତନୀର ତରଙ୍ଗମାଳିନି !
ତୋର ବଡ଼-ଦୟା ଅକିଞ୍ଚନ ଜନେ,
ଧର୍ମଭାବ ତେଣୁ ଉପୁଜାଉ ମନେ ।

ଅସ୍ତାଚଳେ ଏବେ ପ୍ରବେଶେ ତପନ,
ଲୋହିତେ ରଞ୍ଜିତ ପ୍ରତୀଚୀ ଗଗନ ।
ଅସ୍ତମିତ ରବି ହିରଣ୍ମୟ କର,
ପ୍ରତିବିମ୍ବି ମେଘେ ଦିଶେ କି ସୁନ୍ଦର !
କୃଷ୍ଣ ମେଘେ ପଡ଼ି କନକ କିରଣ,
ସୃଜନ୍ତି ଆହା କି ବିଚିତ୍ର ବରଣ !
ଏପରି ମହତ ଜନର ପ୍ରଭାବ,
ଜନ୍ମାଏ ଅପର ପ୍ରାଣେ ନିଜ ଭାବ ।

ମହତ ଜନର ଲାଗି ଅଙ୍ଗ ଛାୟା,
ପବିତ୍ର ହୁଅଇ କ୍ଷୁଦ୍ର ପ୍ରାଣିକାୟା ।
କ୍ଷଣମାତ୍ର ହେଲେ ସଜ୍ଜନ ସଙ୍ଗତ,
ଛୁଟେ ସିନା ସତେ ସଂସାର-ଦୁର୍ଗତ ।

ପାଣ୍ଡୁର ଶ୍ୟାମଳ କଳା ଧଳା ରଙ୍ଗେ,
ଚମେ: ନଭସ୍ଥଳ ଶୋଭିଲା କି ରଙ୍ଗେ ।
ଯେତେବେଳେ ଆସେ ଯେଉଁ ରୂପ ମନେ,
ଦିଶଇ ତକ୍ଷଣେ ସେ ଛବି ଗଗନେ ।
ପ୍ରତିଷ୍ଠିତ ହୋଇ ସେ ଛବି ସକଳ,
ସଞ୍ଚିତ ଅନ୍ତରେ ଶୋଭେ ଅବିକଳ ।
ଆବର ଶ୍ୟାମଳ ଶୈଳ ପ୍ରତିରୂପ,
ନଦୀଗର୍ଭେ ଦିଶେ ଯଥା ତମ-ସ୍ତୂପ ।
ମହତ ଜନର ହୃଦେ ଏହି ମତ,
ଆଭାସେ ସତତ ଶତ ପ୍ରତିକୃତ ।
ପ୍ରେମ-ସ୍ୱଭାବେ ଯାର ଅନ୍ତର ପୂରିତ,
ସର୍ବ ପ୍ରାଣୀ-ହୃଦ ତା ହୃଦେ ଅଙ୍କିତ ।
ସର୍ବ-ଅନୁଭୂତି ସର୍ବଭୂତେ ତାର,
ତା ଦୃଷ୍ଟିରେ ବିଶ୍ୱ ଏକ ପରିବାର ।
ସେହି ନିଜେ ବିଶ୍ୱ, ବିଶ୍ୱ ମଧ୍ୟେ ସେହି,
ଅନ୍ୟ ହୋଇ ତାର ନାହିଁ ଆଉ କେହି ।
ଧନ୍ୟ ପ୍ରେମମୟି, ପ୍ରିୟ କଲ୍ଲୋଳିନି,
ଶତ ଶତ ପ୍ରାଣୀ ଆହ୍ଲାଦଦାୟିନୀ ।

ଧନ୍ୟ ଧନ୍ୟ ତୋର ପବିତ୍ର ଜୀବନ,
ଦେଖାଏ ମହାତ୍ମା-ହୃଦ-ନିଦର୍ଶନ ।

ଧୀରେ ଧୀରେ ଏବେ ବୁଡ଼ିଗଲେ ରବି,
ତିରୋହିତ ହେଲା କ୍ରମେ ସବୁ ଛବି ।
କ୍ଷଣ ମଧ୍ୟେ ସେହି ସୁଦୃଶ୍ୟ ନିଚୟ,
ଅନ୍ଧକାର-ଗର୍ଭେ ଭଜିଲେ ବିଲୟ ।
ଘୋର ତମେ ମତେ ଛାଡ଼ିଦେଇ ଏକା,
ଚାଲିଗଲେ ଆଉ ଦେଲେ ନାହିଁ ଦେଖା ।
ଏହିପରି ସବୁ ସଂସାର-ବେଭାର,
ଘୋର ଅନ୍ଧକାରେ ଆପେ ଆପଣାର ।
ନୁହେ କେବେ ଚିରପ୍ରିୟ ବସ୍ତୁଗଣ,
ସଖା ମାତ୍ର ଏକା ଶ୍ରୀହରି ଶରଣ ।

# କାଠଯୋଡ଼ୀ ତୀରେ ସାୟଂକାଳ

( ୨ )

ପଶ୍ଚିମ ଗଗନ କୂଳରେ    ଉପଗତ ତରଣୀ,
ଖର ଖରତାପୁଁ ମୁକତ    ଏବେ ହେଲା ଧରଣୀ ।
ମୃଦୁଳେ ସୁଗନ୍ଧ ପବନ    କରେ ପ୍ରଦୋଷ ଖେଳା,
ମଧୁକାଳେ ଏହା ମଧୁର    ସନ୍ଧ୍ୟା-ବିହାର-ବେଳା ।
କ୍ଷୀଣ-ଅଙ୍ଗୀ କାଠଯୋଡ଼ୀର    ମନୋହର ପୁଳିନେ
ପରମ ଉଲ୍ଲାସ ଅନ୍ତରେ    ଏବେ ଭ୍ରମିଲି ଦିନେ ।
ଅଦୂରେ ଶ୍ୟାମଳ ଶଇଳ    ଆହା କି ଶୋଭାବନ୍ତ !
ପ୍ରକୃତିଦେବୀ କି କରିଚି    ନଦୀ ସ୍ୱରୂ-ସୀମନ୍ତ !
ସୀମନ୍ତ ମଧ୍ୟରେ ସିନ୍ଦୂର-    ବିନ୍ଦୁ ସମ ବର୍ତ୍ତୁଳ-
ଅସ୍ତମିତ ରବିମଣ୍ଡଳ    ଦିଶେ କେଡ଼େ ମଞ୍ଜୁଳ ।
ଜଣୀ ଆଗମନେ ରସିକା    ରୂପବତୀ ପରସ୍ତ୍ରେ,
ଦିବ୍ୟ ବେଶ ସାଜ ଭଟିମା    ସିନ୍ଧୁ ସଙ୍ଗମେ ଯାଏ ।
କ୍ରମେ ଲୁଲଗଲା ଏ ଛବି,    ରବି ହୋଇଲେ ମ୍ଳାନ,
ଆଗତ ପ୍ରଦୋଷ ସମସ୍ତ,    ଶେଷ ହୋଇଲା ଦିନ ।

ପାଣ୍ଡୁର ବରଣେ ରଞ୍ଜିତ    ହୋଇଅଛି ଗଗନ,
କି ଅବା ଏପରି ଦିଶଇ    ମୃତ-ଦବା-ବଦନ ।
ଚକ୍ରବାଳ ମୂର୍ତ୍ତ ଷଣକ    ଅନ୍ତେ ହୋଇ ବାହାର,
ଧୂସରିତ କୃଷ୍ଣବରଣ    କଲା ସବୁ ସଂହାର ।
ଘଟୁଅଛି ନିତ୍ୟ ଏପରି    ଭବେ ଘଟନାଚୟ,
ଆଖି ବୁଜିଦେଲେ ସକଳ-    ବିଶ୍ୱ ଅନ୍ଧାରମୟ ।

କ୍ରମେ କ୍ରମେ ଏବେ ହୋଇଲା    ଆସି ମୁହଁ ଅନ୍ଧାର,
କଳନାଦ ରଚି ସଧୀରେ    ବହେ ତଟିନୀ-ବାରି
ମୃଦୁ ଉର୍ମିପୁଞ୍ଜ ମଞ୍ଜୁଳ    ଦିଶୁଥିଲା କି ରଙ୍ଗେ,
ବାରି ନୁହେ ଏବେ ଯିବାରୁ    ମିଶି ତିମିର ଅଙ୍ଗେ ।
ଏହି ଦଶା ଦିନେ ଲଭିବ    ଖିଳ ବିଶ୍ୱମଣ୍ଡଳ,
ସର୍ବଗ୍ରାସୀ କାଳ-ଅନ୍ଧାରେ    'ମଜ୍ଜିଯିବ ସକଳ ।
ଧନ୍ୟ କାଠଯୋଡ଼ି ! ତୋ ତୀରେ    ନିତ୍ୟ ଏପରି ଚିତ୍ର,
ଦେଖି କେଉଁ ମୂଢ଼ ମାନସ    ନ ହୁଅଇ ପବିତ୍ର ?
ଏହିପରି ନିତ୍ୟ ବିଲୋକି    ନବ ଛବିସକଳ,
କଠିନ ନାସ୍ତିକ ହୃଦୟ    ପ୍ରେମେ ହୁଏ ତରଳ ।

ତୋର ପ୍ରାଣପତି ସାଗର—    ତୀରେ ଅନେକ ବାର,
ପ୍ରଦୋଷ ସମୟେ ଆନନ୍ଦେ    କରିଅଛି ବିହାର ।
ଏତେ ନବ ଛବି କଦାପି    ଦେଖି ନ ଥିଲା ଅରେ,
ଗମ୍ଭୀର ଔଦାର୍ଯ୍ୟ ପ୍ରକାଶେ    ତହୁଁ ସଦା ଅନ୍ତରେ ।

ବିଶ୍ୱପତିଙ୍କର ଅନନ୍ତ　　ଶକ୍ତି ହୃଦେ ପ୍ରକଟେ,
ପରିପୁଷ୍ଟ ହୁଏ ସେ ଭାବ　　ସୃଷ୍ଟି ଗଗନ-ପଟେ ।
ନିତି ନିତି ଦେଖି ତୋ ତୀରେ　　ନବ ଛବି ପଟଳ,
ଜାଣିଲି ସ୍ୱଭାବେ କାମିନୀ—　　ହୃଦ ଅତି ଚପଳ ।
ହେଉ ପଛେ ଯେତେ　　ମାନିନୀ ଗୁଣବତୀ ଯୁବତୀ,
ନବ ନବ ବେଶ ଭୂଷଣେ　　ସଦା ବଳାଏ ମତି ।
ସୁଦୃଢ଼ ଗମ୍ଭୀର ନୁହଇ　　ଯେଣୁ ନାରୀ-ହୃଦୟ,
ତେଣୁ ସିନା ନରେ ଅଟନ୍ତି　　ନାରୀ ଜାତି ଆଶ୍ରୟ ।
ସୁକୋମଳ କ୍ଷୀଣ ବଲ୍ଲରୀ　　ଲଭେ ପାଦପ ସଙ୍ଗ,
ଆହା କି ପରମ ମଞ୍ଜୁଳ　　ଦିଶେ ଉଭୟ ଅଙ୍ଗ !
ତେବେ କିପାଁ ଏତେ ଯତନ୍ତି　　ସଭ୍ୟ ନାରୀ-ସମାଜ,
ପତିଗଣ ସଙ୍ଗେ ସର୍ବାଂଶେ　　ସମ ହେବାକୁ ଆଜ ।
ରହିବ ବେନିଙ୍କ ପ୍ରକୃତି　　ମଧ୍ୟେ ନିଶ୍ଚେ ଭିନ୍ନତା,
କିଏ ସେ କରିବ ଅନ୍ୟଥା　　ଯାହା କଲ୍ପିଛି ଧାତା ।
ପ୍ରିୟ କଲ୍ଲୋଳିନି ! ତୋ ତୀରେ　　ଆଜି କଲି ଲୋକନ,
ପବିତ୍ର-ସରଳ ଆଦର୍ଶ—　　ନାରୀ-ଶୁଦ୍ଧ-ଜୀବନ ।
ପତି ପାଦ-ସେବା କରିବା　　ପାଇଁ ହେ ସ୍ରୋତସ୍ୱତି !
ଅକ୍ଷୁନ୍ନ ମାନସେ ସନ୍ତତ　　କରୁ ଏକାନ୍ତେ ଗତି ।
ପରଶିବା ମାତ୍ରେ ତୋ ତନୁ　　ସୁଶୀତଳ ସମୀର,
ଊର୍ମି ଛଳେ ଲାଜ ଭୟରେ　　କମ୍ପି ଉଠେ ତୋ ନୀର ।
କୁଳକାମିନୀର ଏପରି　　ସିନା ମହତ ରୀତି,
ଲଜ୍ଜାବତୀ ହୋଇ ଏକାନ୍ତେ　　କାନ୍ତେ ଆଚରେ ପ୍ରୀତି ।
ପ୍ରେମ ମଧୁରତା ସ୍ନେହାଦି　　ସ୍ନିଗ୍ଧ ଭାବ ସକଳ,
ତୋ ସ୍ୱଚ୍ଛ ଜୀବନେ ଦେଖଇ　　ଜ୍ଞାନୀ ନେତ୍ର କେବଳ ।

ନବ ନବ ବେଶ ଭୂଷଣେ    ତୁ ଯେ ବଳାଉ ମନ
ଚପଳତା ସତ, ନୁହଇ    କିନ୍ତୁ ତାହା ଦୂଷଣ ।
ଦୁର୍ବଳ ପ୍ରକୃତି ଏପରି    ଯେତେ ନାସ୍ତି ପରାଣେ
ସଦ ବ୍ୟବହାରେ ବିମୁଖ    ନୁହେ ପ୍ରମୋଦ ଦାନେ ।
ଉଚ୍ଚ ନୀଚ ବୃତ୍ତି ସକଳ    ଯେବେ ସମେ ବିକାଶେ,
ପୂର୍ଣ୍ଣ ହୁଏ ନର, ସଂସାର-    ପୁରେ ସ୍ୱର୍ଗ ଉଲ୍ଲାସେ ।

# କାଠଯୋଡ଼ି ତୀରେ ଚନ୍ଦ୍ରାଲୋକ ନିଶୀଥ

( ୩ )

ସୁଧାକର-କରଜାଲେ ବିଭୂଷିତା ମହୀ,
ଶାନ୍ତିଦେବୀ ପଦେ ଝଟେ ମନ୍ଦାନିଳ ବହି ।
ମାୟାବିନୀ-ନିଦ୍ରାବଳେ ଜଗତ ମୋହିତ,
ଅହା କି ସୁନ୍ଦର ବେଶେ ପ୍ରକୃତି ଶୋଭିତ !
ନାହିଁ ଏବେ ଢବସ୍ୱର, ଘୋର କଳନାଦ,
କ୍ଷୁଦ୍ରଚେତା ମାନବର ଜାଣ୍ଟାସ୍ତୁ ବିବାଦ ।
ନାହିଁ ଅଶାନ୍ତିରୂପିଣୀ ମାତ ନିଶାଚରୀ,
ସ୍ୱାର୍ଥପରତାର ଦୀର୍ଘ ଉଚ୍ଛ୍ୱାସ ଲହରୀ ।
ଆତ୍ମାଭିମାନର ନାହିଁ ଗମ୍ଭୀର ଶବଦ,
ଏକାବେଳେ ସର୍ବ ବିଶ୍ୱମଣ୍ଡଳ ସ୍ତବଧ ।
ସଂସାର ତୁମୁଳ ରଣ କ୍ଷଣେ ତିରୋହିତ,
ଗାଏ କି ସରିତ ବେଣୁ ସୁଶାନ୍ତ ସଙ୍ଗୀତ ?
ଅବ୍ୟକ୍ତ ଅବୋଧ ଅତି ସୁମଧୁର ତାନ,
କିବା ସେ ନିଗୂଢ଼ ତତ୍ତ୍ୱ ସାମବେଦ ଗାନ ।

## କାଠଯୋଡ଼ୀ ତଟରେ ଚନ୍ଦ୍ରାଲୋକ ଦର୍ଶନ

ଅସଂଖ୍ୟ ତାରକାପନ୍ତି ଗଗନମଣ୍ଡଳେ,
ଶୁଣନ୍ତି ସେ ମହାଗୀତ ନୀରବ ନିଶ୍ଚଳେ ।
ମୂଢ଼ ଜ୍ଞାନହୀନ ମୁହିଁ କିଛି ନ ବୁଝଇ,
ତେବେ ହେଲେ ମୋ ଅନ୍ତର ଉଲ୍ଲସି ଉଠଇ ।
ଦେଖି ଶାନ୍ତିମୟ ଦୃଶ୍ୟ, ଶୁଣି ଏ ସୁସ୍ୱର,
ଅପୂର୍ବ ସ୍ୱର୍ଗୀୟ ସୁଖେ ପୂରେ ମୋ ଅନ୍ତର ।
ଜାଣିଲି ମାନବ-ହୃଦ ସଙ୍ଗେ ଆଦିକନ୍ଦ,
ସ୍ଥାପିଛନ୍ତି ପ୍ରକୃତିର ବିଚିତ୍ର ସମ୍ବନ୍ଧ ।
କିନ୍ତୁ ଦୁରାକାଂକ୍ଷୀ ନର ମୂଢ଼ ନିରନ୍ତର,
ସେ ସଂଯୋଗ ଛେଦିବାକୁ ବଡ଼ ତତପର ।
ନୀଚ ବୃତ୍ତି ସକଳର ହୁଏ ଯେଣୁ ଦାସ,
ସୁନ୍ଦର ପ୍ରବୃତ୍ତିଚୟ ଲଭନ୍ତି ବିନାଶ ।
ଧନ୍ୟ ସେହି ଋଷିଙ୍କି ଆଦି ଆର୍ଯ୍ୟଦଳ,
ଗାଇଲେ ଯେ ଆଦି-ତତ୍ତ୍ୱ ସଙ୍ଗୀତ ସରଳ ।
ଜଡ଼ ବସ୍ତୁ ହୃଦେ ଯେହୁ କଲେ ବିଲୋକନ,
ମହାଶକ୍ତି ମହାତେଜଃ ଅନାଦି କାରଣ ।
ଜନମିଥାନ୍ତି ସେ ଯୁଗେ ହେଲେ ମୁଁ ପାମର,
ସୁଖେ ସେବା କରିଥାନ୍ତି ପ୍ରକୃତି-ପୟର ।
ବାହ୍ୟ ଆବରଣ ଫେଡ଼ି ପ୍ରକୃତି ଅନ୍ତରେ
ଦିବ୍ୟ ଜ୍ଞାନନେତ୍ରେ ହେଲେ ଦେଖିଥାନ୍ତି ଥରେ
ଅପ୍ରାକୃତ ପ୍ରେମ-ରୂପ ସତ୍ୟ ସନାତନ,
ଅନନ୍ତ ବାସନା ହୋଇଥାଆନ୍ତା ପୂରଣ ।
ଧନ୍ୟ କାଠଯୋଡ଼ି ! ଧନ୍ୟ ପ୍ରସ୍ଥ ଶୈବଳିନି !
ତାପିତ ହୃଦେ ତୁ ଶାନ୍ତି-ସୁଧା-ସଂଚାରିଣୀ ।

## ଅବକାଶ-ଚିନ୍ତା

ସଂସାରର ଲଜ୍ଜା-ଘୃଣା-ପ୍ରବଞ୍ଚନା-ଜାଲେ
ପ୍ରପୀଡ଼ିତ ହୁଏ ମୋର ମାନସ ଯେକାଳେ,
ନିଭୃତେ ତୋ ଶରେ ଆସି କଲେ ବିଚରଣ,
କି ମୋହନ ମନ୍ତ୍ରେ କରୁ ସକଳ ହରଣ ।
ବିବିଧ ସ୍ୱର୍ଗୀୟ ଚିନ୍ତା ନାନା ପ୍ରିୟ ଭାବ,
କଳୁଷିତ ହୃଦେ ମୋର କରାଉ ଉଦ୍ଭବ ।
ତୋର ପଦାମ୍ବୁରେ ମୁହିଁ ଚିରକାଳ ଋଣୀ,
ଏହି ଭାବ ଥାଉ ନିତ୍ୟ ହେ ସୁରତରୁଣି !

# ଭାର୍ଗବୀ ପ୍ରତି

ତେଜି ଅଶାନ୍ତ ନଗର ପାଶ
ସ୍ୱଚ୍ଛ ପଲ୍ଲି-ପଥେ କଲୁ ବାସ
ବାର ବାଙ୍କ ଭ୍ରମି ହେଲୁ ପଥଶ୍ରମୀ
ଶେଷେ ସିନ୍ଧୁ ସଙ୍ଗେ ଗଲୁ ଗ୍ରାସ, ଲୋ ତଟିନୀ ! ୧ ।

କାହିଁ କୋମଳ ଶ୍ୟାମଳ ଘାସ
କାହିଁ କୃଷକେ କରନ୍ତି ଚାଷ
ତୋର ବେଳା ତଟେ କାହିଁ ଅବା ଘାଟେ
ସୁଖେ ବୋଲନ୍ତି ସରଳ ରାସ, ଲୋ ତଟିନୀ ! ୨ ।

ପଲ୍ଲୀ ପ୍ରାକୃତ ସରଳ କାନ୍ତ
ହୃଦବେଗସ୍ଥାନ ଦବ୍ୟ ଶାନ୍ତ
ତୋର ଜଳଧାର— ଯୋଗେ ସୁଖତର
ହରେ ସହଜେ ସକଳ ଶ୍ରାନ୍ତି, ଲୋ ତଟିନୀ ! ୩ ।

ନାନାବଧ ତରୁ ଗୁଳ୍ମ-ଲତା
ଫଳ-ଫୁଲ ପଲ୍ଲବେ ଆନତା
ଆବୋରି ତୋ ନଦେ ରାଜେ ବେଳା ତଟେ
ପଲ୍ଲି ସତେ କି ଟେକିଛୁ ଛତା, ଲୋ ତଟିନୀ ! ୪ ।

ଦେଇ ଆପଣା ଶୁଦ୍ଧ ଜୀବନ
ତୋଷ କେତେ କେତେ ଜୀବଗଣ
ଘର ହୁଡେ ଏକା                    ଜରନ୍ତର ବକା
ଧନ୍ୟ ଧନ୍ୟ ତୋ ମହତ୍ତପଣ, ଲୋ ତଟିନି ! ୫ ।

ବର୍ଣ୍ଣିବାକୁ ତୋର ଗୁଣ ଗଣ
ଗ୍ରୁର ମୋର କି ଅଛି ଶକତ
କିନ୍ତୁ ସ୍ରୋତସ୍ୱତି !                    ସଦା ତୋହ ପ୍ରତି
ଆଏ ମୋ ମନେ ସ୍ନେହ-ଭକତ, ଲୋ ତଟିନି ! ୬ ।

ଦେଖି ନାହିଁ ମୁଁ ମାତୃବଦନ
ପାନ କରି ନାହିଁ ମାତୃସ୍ତନ
ହୋଇଣ ସଦୟ                    ଦେଇ ନିଜ ପୟ
ବଞ୍ଚାଇଲୁ ମୋ ଶିଶୁ-ଜୀବନ, ଲୋ ତଟିନି ! ୭ ।

ଚନ୍ଦ୍ରାବିସ୍ଥିନ ବାଲ୍ୟ ସମୟେ
ବହୁ ଖେଳ ଅଛି ତୋ ହୃଦୟେ
ମୋର କେତେ ଅଳି                    ଅଛୁ ତୁ ସମ୍ଭାଳି
ମନେ ଥିବ ଜୀବ ଯିବାଯାଏ, ଲୋ ତଟିନି ! ୮ ।

ମୋର ପିତୃ-ପିତାମହଗଣ
କରି ତୋ ନୀରେ ସ୍ନାନ-ତର୍ପଣ
ଲକ୍ଷ୍ମଣ-ବନ୍ଦିତା-                    ଯାଗେଶ୍ୱରୀ ମାତା (୧)
ପଦେ ପୂଜୁଥିଲେ ଅନୁକ୍ଷଣ, ଲୋ ତଟିନି ! ୯ ।

---

(୧) ସର୍ଗିକୂଳରେ ଯାଗେଶ୍ୱରୀ ଦେବୀଙ୍କ ମନ୍ଦିର ଅଛି । ପ୍ରବାଦ ଅଛି, ଦଣ୍ଡକାରଣ୍ୟରେ ଭ୍ରମଣ କଲାବେଳେ ଲକ୍ଷ୍ମଣ ଏହାଙ୍କୁ ପୂଜା କରିଥିଲେ ।

ସୁକୋମଳ ବାଲି-ଶେଯେ ଶେଷେ
ବିଶ୍ରାମିଲେ ତୋ ପୁଳିନ-ଦେଶେ
ତାପତାପ-ନାଶୀ ତୋର ବାରିରାଶି
ପୂତ କରେ ପ୍ରତି ଗ୍ରୀଷ୍ମ ଶେଷେ, ଲୋ ତଟିନି ! ୧୦ ।

ଆଜି ତୋ ପୂଜ୍ୟ ପ୍ରିୟ ଆକୃତି
ଦେଖି ଜାଗେ କେତେ ପୂର୍ବସ୍ମୃତି !
ନବଭାବ ଧରି ଉଠି ଏହୁପରି
ଅତି ଉଚ୍ଛନ୍ନ କରେ ମୋ ଧୃତି, ଲୋ ତଟିନି ! ୧୧ ।

ରଙ୍ଗକରେ ଅସ୍ତଶିଖୁଁ ହରି
ପରଶନ୍ତେ ତୋ ବକ୍ଷେ ଲହରୀ
ତୋ ଶୈବାଳଦଳ ଏବେ କି ମଞ୍ଜୁଳ
ହେମ ପ୍ରବାଳ ବଲ୍ଲରୀ ସଜ, ଲୋ ତଟିନି ! ୧୨ ।

ଦେଖି ଏହା ମୋ ହୃଦ-ସରିତ
ଆଶା-ସମୀରେ ତରଙ୍ଗାୟିତ
ବିବିଧ ବରଣ କଳ୍ପନା କାରଣ
ସଜେ ତହିଁ ଦିବ୍ୟ ଗୃହ ଚିତ୍ର, ଲୋ ତଟିନି ! ୧୩ ।

କେତେ ରୁଚିର ସୁଖ ସ୍ୱପନ
ବିଲୋକଇ ମୋ ମନ-ନୟନ
ସାମାନ୍ୟ ଏ ଭବ ଦୂଷିତ ବିଭବ
କରେ ନାହିଁ ମୁଁ ତିଳେ ଗଣନ, ଲୋ ତଟିନି ! ୧୪ ।

ତେଣୁ ତୋ ପଦେ କରେ ବିନତି
ଜୀବ ଥିବାଯାଏ ସ୍ରୋତସ୍ୱତି !
ଭବ-ଦୁଃଖ ନାଶି ସ୍ୱବ ଘଷି ଘଷି
ଚଳେ ଜନ୍ମାଇବୁ ଏହି ମତି, ଲୋ ତଟିନି ! ୧୫ ।

ପିଣ୍ଡ ପଡୁ ତୋ ସିକତା-ବାସେ
ଯାଗେଶ୍ୱରୀ ଜନନୀ ସକାଶେ
ପୁନ୍ନାଗ ବକୁଳ ନାନା ଜାତି ଫୁଲ
ଝଡ଼ି ପଡୁ ଥାଉ ଚଉପାଶେ, ଲୋ ତଟିନି ! ୧୬ ।

ଅବଶେଷେ ମୋ ଜୀବନ-ନଦୀ
ମିଶି ତୋ ସଙ୍ଗତେ ନିରବଧି
ଲଭି ଚିର ଶାନ୍ତି ହରୁ ସର୍ବକ୍ଲାନ୍ତି
ଭେଟୁ ଅତଳ କାଳ-ଜଳଧି, ଲୋ ତଟିନି ! ୧୭ ।

## ଖଣ୍ଡଗିରି ଶିଖରେ

ଏହିକି ସେ ଖଣ୍ଡଗିରି ଯା ଶୋଭାସଙ୍କୁଳ,
ଏହିକି ସେ ଖଣ୍ଡଗିରି ଯାର ଫଳ ଫୁଲ,
ଏହିକି ସେ ଖଣ୍ଡଗିରି ଯାର ବନଲତା,
ଏହିକି ସେ ଖଣ୍ଡଗିରି ଯାର ତରୁଲତା
ବିମୋହିଲା ପୂର୍ବେ ବୌଦ୍ଧ ତାପସ-ମାନସ
ଶୋଭଇ ଶିଖରେ ଯାର ଏବେ ବୌଦ୍ଧ-ଯଶ ।
ବୌଦ୍ଧ-ମନ୍ତ୍ରାବଳି ଆଜି ଅମର ଅକ୍ଷରେ,
ଅଶୋକ-ଆଦେଶେ ରାଜେ ଯା ଶିଳା-ବକ୍ଷରେ,
କାହାନ୍ତି ସେ ଯୋଗିବୃନ୍ଦ, କାହାନ୍ତି ଅଶୋକ ?
କାହା ହୃଦ ଦେଖି ଏହା ନ କରିବ ଶୋକ ?
"ଅହିଂସା ପରମ ଧର୍ମ" ଏ ମହା ମନ୍ତ୍ରର,
ଗମ୍ଭୀର ଶବଦେ ଆଉ ନ ତୋଷେ ଅନ୍ତର
ଶୂନ୍ୟ ଗୁମ୍ଫା ଅଭ୍ୟନ୍ତରେ ପଶିଣ ପବନ,
ମନ୍ତ୍ରନାଦ ସ୍ଥାନେ କରେ ସନ ସନ ସ୍ୱନ ।
ଅହୋ ବୃଦ୍ଧ ଖଣ୍ଡଗିରି ପୁରାଣ-ପ୍ରବୀଣ !
ଦେଖିଅଛ ଉତ୍କଳର କେତେ ଶୁଭ ଦିନ ।

ଉତ୍ସାହ, ଉଦ୍ୟମ, ଶକ୍ତି, ପ୍ରତିଷ୍ଠା, ବିଭବ,
ସାହସ, ବିକ୍ରମ, ଧୈର୍ଯ୍ୟ, ଜାତୀୟ ଗରବ,
ଉତ୍କଳର କେତେ କେତେ ଗୌରବ-କାହାଣୀ,
ଅତୀତ ଘଟନା ଦେଖି ସବୁ ଅଛ ଜାଣି ।
ଏହି ଯେ ସମ୍ମୁଖେ ଶୋଭେ ବିରାଟ ମନ୍ଦିର,
ଅନ୍ତରୀକ୍ଷ ମାପିବାକୁ ଟେକିଅଛି ଶିର ।
କାଳବଳେ ହୋଇଅଛି ବିବର୍ଣ୍ଣ ଶରୀର
ତଥାପି ସ୍ଥବିର ତନୁ ଗମ୍ଭୀର ରୁଚିର ।
ଚଉପାଶେ ଦିଶେ କେତେ ଦେବାଳୟଚୟ
କାଳଗର୍ଭେ କେତେ ପୁଣି ଭଜିଲେଣି ଲୟ ।
କି ଅସୀମ ଶକ୍ତି କେତେ ବିପୁଳ ବିଭବେ,
କେତେ ଧର୍ମ୍ମ ଅନୁରାଗେ ଗଢ଼ା ଏ ସରବେ ।
ବୌଦ୍ଧ ମହାଧର୍ମ୍ମ, ଏଥି ସାମ୍ୟ ମୈତ୍ରୀ ଭାବେ
ସମ୍ମିଳିତ ପରସ୍ପର ଅଦ୍ଭୁତ ପ୍ରଭାବେ ।
ଧର୍ମେ ଧର୍ମେ କମ୍ପା ଦ୍ୱେଷ ବାଦ ଅହଙ୍କାର,
ଅତୀତ ଉତ୍କଳ ଆହା କି ମହା ଉଦାର !
ଧନ୍ୟ ଲଲାଟେନ୍ଦୁ ! ଧନ୍ୟ କେଶରୀ-ପୁଙ୍ଗବ !
ଉତ୍କଳର ପୁଣ୍ୟଶ୍ଳୋକ ଅମର-ଗୌରବ,
ଶୌର୍ଯ୍ୟ-ବୀର୍ଯ୍ୟ କଳା-କାବ୍ୟ ଧନ-ଜ୍ଞାନ-ମାନ
ଥିଲା ଯାଙ୍କ ସୁଶାସନ ପବିତ୍ର ବିଧାନ ।
କହ ତାଙ୍କ କଥା, ତାଙ୍କ ରାଜ୍ୟ ସମାଚାର,
ନିର୍ଜୀବ ଉତ୍କଳେ ପ୍ରାଣ କର ହେ ସଞ୍ଚାର ।

( ଅପୂର୍ଣ୍ଣ )

# କଟକର ଶିଳାସେତୁ

ସୁଦୃଢ଼ ସୁନ୍ଦର ଆରେ ଶିଳାସେତୁ !
ରହିଛୁ କଟକ ନଗର ତୋ ହେତୁ ।
ପ୍ରକୃତି-ପ୍ରଭାବେ ଦେଖାଇ ଭ୍ରୂକୁଟି,
କାଳବଳେ ଅଙ୍ଗ ଯାଇ ନାହିଁ ତ୍ରୁଟି ।
ତରଙ୍ଗ-ପ୍ରହାର ସହୁ ଅନୁକ୍ଷଣେ,
ଶ୍ରମ ହରୁ ନଦୀ ଶୀତଳ ପବନେ ।
ଉଚ୍ଚ ହୋଇଅଛୁ ସୁଗମ୍ଭୀର ଦମ୍ଭେ,
ରାଜେ ବୃଦ୍ଧ ବପୁ ଯେସନ ପ୍ରାରମ୍ଭେ ।
କୋମଳ ଶୈବାଳ ଦଳେ କି ସୁନ୍ଦର,
ତୋର ଶିଳାମୟ ବୃଦ୍ଧ କଳେବର ।
ହେ ପ୍ରାଚୀନ ସେତୁ ! କରିଛୁ ଦର୍ଶନ,
କଟକ ନଗର ଉତ୍ଥାନ ପତନ ।
ତୁ ଅଟୁ କଟକ-ଇତିହାସ-ଜ୍ଞାତା,
ଫେଡ଼ି କହ କିଛୁ ଅତୀତର ଗାଥା ।
କେଶରୀ ବଂଶର ଶେଷ ରାଜଗଣ,
କଲେ ଯେବେ ଏହୁ ନଗର ସ୍ଥାପନ ।

କି ଉତ୍ସାହେ କହ ଏ ଉତ୍କଳ ଜାତି,
ଦେଶ-ହିତ ବ୍ରତେ ଉଠିଥିଲେ ମାତି ।
ମହାପରାକ୍ରମୀ ରାଜା ବୈରଗଙ୍ଗ
ତୋର ଚଉପାଶେ କଲେ ଯୁଦ୍ଧରଙ୍ଗ ।
ଦେଖିଛୁ ସେଦିନ ଉତ୍କଳ-ବିକ୍ରମ,
ଉତ୍କଳବାସୀର ପ୍ରାଣାନ୍ତକ ଶ୍ରମ ।
ବାରବାଟୀ ଚଉଦୁଆର ବିନଷ୍ଟ,
ଦେଖି ଆଜି ମନେ ନ ପାଉ କି କଷ୍ଟ !
ଆକ୍ରମିଲେ ଯେବେ ଦୁର୍ଦ୍ଧର୍ଷ ଯବନ,
ବର୍ଷିଲ୍ଲ କମାଣ ଗୋଳା ଅଗଣନ ।
ନିଜ ବକ୍ଷେ ସବୁ ସହି ଅକାତରେ,
ସହଜେ ପୁରାଇ ନ ଦେଲୁ ନଗରେ ।
ସେ ଆଘାତ-ଚିହ୍ନ ଥିବ ଆଜିଯାଏ,
ସ୍ଥାନେ ସ୍ଥାନେ ତୋର ସୁବିପୁଳ କାୟେ ।
ଆଜିଯାଏ ଯେତେ ଏପରି ଘଟଣା,
ଅନୁଭବେ ସବୁ ଅଛୁ ତୋତେ ଜଣା ।
କହ କହ ସେତୁ, ସମସ୍ତ ବିସ୍ତାର
ଶୁଣନ୍ତୁ ଉତ୍କଳ ସର୍ବ ନରନାରୀ ।
ସ୍ଥାନବଳେ ଏବେ ଉତ୍କଳ-ସନ୍ତାନ,
ହରାଇଅଛନ୍ତି ଆତ୍ମଶକ୍ତି-ଜ୍ଞାନ ।
ଜାଣିବେ ବା ଶୁଣି ପୂର୍ବ ବଡ଼ପଣ,
ସାଧୁ ଅନୁଷ୍ଠାନେ ଦେବେ ପ୍ରାଣମନ ।

# ବିଂଶ ଶତାବ୍ଦୀର ପ୍ରଥମ ଦିନ ବାରବାଟୀ ଦର୍ଶନ

ଊନବିଂଶ ଶତ ଖ୍ରୀଷ୍ଟ ଅବ୍ଦ ଗତେ,
ବିଂଶ ଶତ ଅବ୍ଦ ପ୍ରବେଶ ଜଗତେ ।
ଅନନ୍ତ ସମୟ ସାଗର-ହୃଦରେ,
ଶତ ବର୍ଷ ଆହା ପଶିଲ କି ଖରେ !
କେତେ କେତେ ମନେ କେତେ କି ବାସନା,
ଅପୂର୍ଣ୍ଣ ରହିଲା, ନାହିଁ ଆଶ୍ୱାସନା ।
ନିରପେକ୍ଷ କାଳ ନ ବୁଝିଲା କ୍ଷଣେ,
ଭବେ ତାର ପ୍ରିୟ ନାହିଁ କେହି ଜଣେ ।
କେତେ କାହା ହୃଦେ ଅପାର କଷଣ,
ନ ବୁଝି ଶୋଣିତ କରଇ ଶୋଷଣ ।
କାଳଠାରେ ନାହିଁ ଦୟା ମାୟା ଲେଶ,
କରିଯାଏ ଖାଲି ନିଜ କାର୍ଯ୍ୟ ଶେଷ ।
ଆସ ନବ ଯୁଗ ନବୀନ ବରଷ,
ନବ ଦିନେ ଦେନ ଅଶେଷ ହରଷ ।
ବିଭୁ-ସ୍ୱର୍ଗଧାମୁଁ ସୁଖ ସମାଚାର,
ଆଣି ଏ ସଭାରେ କର ହେ ପ୍ରଚାର ।

ବିଗତ ଶତାବ୍ଦୀ ଘୋର ତାପ-ଜାଲ,
ସ୍ୱରଗର ଶାନ୍ତି-ଉଦକେ ପଖାଳ ।
ନନ୍ଦନ କାନନ ନବ ଫୁଲ୍‌ବାସ,
ଦୂଷିତ ଧରଣୀ ଧାମେ ପରକାଶ ।
ଉଦ୍ୟ ସ୍ୱଚ୍ଛ ଭଅ ମୋର ପିଣ୍ଡେ ଆଣି,
ପବିତ୍ର ହସ୍ତାରେ ମନ୍ତ୍ର ହେଉ ପ୍ରାଣୀ ।
ଆବର ମାଗୁଛୁ ଯୋଡ଼ି କର ବେନି,
ସ୍ୱରଗର ପୂର୍ବ ଯଶଃ ଆସୁ ଘେନି ।
ଉବରଙ୍କେ ଦିନେ ଯେଉଁ ମହାରାଜ,
ଆହା ଦାନସ୍ୱନ ଲଗାଉ ସେ ଆଜ ।
କର ହେଲେ ଏହା ଦେଖିଣ କରୁଣା,
ନବ ତେଜେ ଅରେ ବିକାଶୁ ପୂରୁଣା ।
ହେ କାଳ ! ତୁମ୍ଭେ ତ ସର୍ବ ଶକ୍ତିମନ୍ତ,
କିଏ ଜାଣେ କାହିଁ ତୁମ୍ଭ ଆଦ୍ୟ ଅନ୍ତ ।
କିଏ ସେ କଳିବ କେତେ ତୁମ୍ଭ ବଳ,
ତୁଏ ଯେଣୁ ଜଳେ ସ୍ଥଳ, ସ୍ଥଳେ ଜଳ ।
ଏହୁ ଯେ ସମ୍ମୁଖେ ବାରବାଟୀ ପଡ଼ା,
ଖଙ୍କି ଅଛୁ ଯହିଁ ଲକ୍ଷ ଲକ୍ଷ ଗଦା ।
ଥିଲା ଯେଉଁ ବୀର-ବିହାର-ପ୍ରାଙ୍ଗଣ,
ଭ୍ରମେ ତହିଁ ଆଜି ଶ୍ୱାନ-ଶିବାଗଣ ।
ଶୁଭ୍ର ଶୈଳ ସମ ବିଶାଳ ସନ୍ନଦ୍ଧ,
ଶିର ଟେକି ଦିନେ ଭେଦଣ ବହୁଦ ।
ଗମ୍ଭୀର ଗରବେ ହୋଇଥିଲା ଠିଆ,
ଦେଖି ଯାହା ଅରୁଥିଲା ଶତ୍ରୁ-ହିଆ

## ବିଂଶ ଶତାବ୍ଦୀର ପ୍ରଥମ ଦିନ ବାରବାଟୀ ଦର୍ଶନ

ଆହା ଏବେ ତହିଁ ସ୍ତୂପାକାରେ ମାଟି,
ବିଲୋକ ହୃଦୟ ଯାଏ ସିନା ଫାଟି !
ଥିଲ ଯହିଁ କାଲେ ଗମ୍ଭୀର ପରିଖା,
ଟେକିଛି କୋମଳ ଶସ୍ୟ ତହିଁ ଶିଖା ।
କାହିଁ ସେ କମାଣ ଅଶନି ଶବଦ,
ଶୁଣି ଯାହା ଶତ୍ରୁ ଶ୍ରବଣ ସ୍ତବଧ ।
ବୀରମଲ୍ଲ-ତେଜା ବାଜା କାହିଁ ଆଜି ?
କାହିଁ ସେ ଅଦ୍ୟମ କଣ୍ଠୀ ବାଜିରାଜି ?
ହେ କାଳ ! ତୁମ୍ଭର ଗର୍ଭେ ସବୁ ଲୀନ,
ସୁଭଗା ଉତ୍କଳ ଆଜି ଦୀନହୀନ ।
ହେ କାଳ ! ତୁମ୍ଭର ଅଟଳ ଆଦେଶେ,
ଘୋଟିଛି ଦୁର୍ଗତି ଏ ଉତ୍କଳ ଦେଶେ ।
ଆହେ ସ୍ରୋତସ୍ୱତୀ ସତୀ ଚିତ୍ରୋତ୍ପଳା !
(ଯା ଯୋଗେ ଉତ୍କଳ 'ସୁଜଳା ସୁଫଳା' ।)
ପିଆଇ ଆପଣା ସୁଧା ସମ ପୟ
ବଢ଼ାଇଥିଲୁ ଯେ ବୀର ଶୂରଚୟ,
କିପରି ଦେଖିଲୁ ତାହାଙ୍କ ନିଧନ ?
ଦେଖି ପୁଣି ସତେ ପାଇଲୁ ଜୀବନ !
ଦେଖିଲୁ କିପରି କହ ସେ ଦୁର୍ଦ୍ଦିନ,
ବାରବାଟୀ ଯେବେ ହେଲା ଶିବାସ୍ଥାନ !
କରାଳ କଲ୍ଲୋଳେ କରି ଘୋର ନାଦ,
ରିପୁକୁଳ-ହୃଦେ ଆତଙ୍କ ପ୍ରମାଦ
ଜନ୍ମାଇଲୁ ନାହିଁ କିମ୍ପା କେ ଜନନୀ,
ରହିଲୁ କିପରି ସ୍ଥିର ତୋ ଧମନୀ ?

ଧନ୍ୟ ପ୍ରଳୟ ଭୀମ ରଣବେଶ,
ଶତ୍ରୁ ଦଳେ କମ୍ପା ନ କଲୁ ନିଃଶେଷ ?
'ଥିବା କମ୍ପା ତୋର ଭୀଷଣ କବଳ,
'ଗର୍ବିଲ୍ଲ ନାହିଁ ଏହୁ ରଙ୍ଗସ୍ଥଳ ?
'ବାରବାଟୀ ଲଭି ତୋ ହୃଦେ ଆଶ୍ରମ,
ଭବୁଁ ଲୁଟିଆନ୍ତା ବାରବାଟୀ ନାମ ।
ସେ କାଳେ ପ୍ରମ୍ଭିତ ହେଲା ତୋର ଗଡ,
ତୁ କାହୁଁ ଲଙ୍ଘିବୁ ସମସ୍ତ-ନମ୍ରତ ?
ମହାବଳୀ ଧନ୍ୟ ଧନ୍ୟ ତୁମ୍ଭେ କାଳ !
କେ ଲଙ୍ଘିବ ତୁମ୍ଭ ତୀକ୍ଷ୍ଣ କରବାଳ ?
ଥିଲା ଯେବେ କିଛି ଉତ୍କଳର ଦୋଷ,
ଦୋଷ ଅନୁମତେ କରିଅଛ ରୋଷ ।
ହୋଇଅଛି ଶାସ୍ତି କପଣ ଉପାର,
ନ କର ଅଧିକ ଆଉ ଗ୍ଭରଖାର ।
ଏଣିକି କରୁଣା ଅଟଇ ବିହିତ,
ସାଧ ନବଯୁଗେ ଉତ୍କଳର ହିତ ।
ଉତ୍କଳ-ତନୟେ ଦିଅ ନବ ବଳ,
ଉତ୍କଳ-ପାଦପେ ରସମୟ ଫଳ,
ଉତ୍କଳ-ସରିତେ ପବିତ୍ର ଜୀବନ,
ଉତ୍କଳ-କାନନେ ସ୍ୱର୍ଗୀୟ ସୁମନ,
ଉତ୍କଳ-ଆକାଶେ ନବ ଯଶଃ ରବି,
ଉତ୍କଳ-ପ୍ରକୃତି ଧରୁ ନବ ଛବି ।

# ବାଲିଯାତ୍ରା ସନ୍ଧ୍ୟାରେ ମହାନଦୀ ତୀରେ

ସୁନ୍ଦର ଶରଦ ସନ୍ଧ୍ୟା ସୁନୀଳ ଆକାଶେ,
ସମ୍ପୂର୍ଣ୍ଣ ଶଶଧର ଉଜ୍ଜ୍ୱଳେ ବିଭାସେ ।
କୋମଳ ମୟୂଖ ମାଳେ ହସିଉଠେ ମହୀ,
ସରସ ସସ୍ମିତ-ବକ୍ଷ କମ୍ପେ ରହି ରହି ।
ଖେଳେ ତଥିପରେ ଶତ ଶତ ଜ୍ୟୋସ୍ନାଧାରା,
ନାଚେ ନଦୀଗର୍ଭେ ଶଶୀ ସହ ଶତ ତାରା ।
ପୁଲକେ ପୂରିତ ଏବେ ହୁଅଇ ଅନ୍ତର,
ପ୍ରକୃତି, କି କରିଅଛୁ ମୋହନ ମନ୍ତର ?
ଭୁଲି ହୋଇଛନ୍ତି ଏଥି ବହୁ ଶତ ଜନ,
ଏ ଛବି ଜରେଖେ ନାହିଁ କାହାରି ନୟନ ।
ନାନା ରଙ୍ଗେ ମାଣ୍ଡ ଏବେ ହୋଇଛନ୍ତି ଭୋଳ,
କେଣ୍ଡୁ ଶୁଭେ ଏଡ଼େ ଘୋର ମୁଖରିତ ଗୋଳ ।

ବାଜେ ଶଙ୍ଖ, ବାଜେ ଘଣ୍ଟ, ପଡ଼େ କରତାଳ,
ମୃଦଙ୍ଗ ମର୍ଦ୍ଦଳ ବାଜେ, ଶୁଭଇ କାହାଳୀ ।
ଧର୍ମ୍ମ ନୃତ୍ୟେ ହୋଇଛନ୍ତି ମତ୍ତ ବହୁ ଜନ,
ଏ ନୃତ୍ୟରେ କିନ୍ତୁ ଆହା ନାହିଁ ତ ଜୀବନ !
ଶୁଣି ଏହି ସଂକୀର୍ତ୍ତନ ନାଚେ ନାହିଁ ପ୍ରାଣ,
ବିଗଳିତ ନୁହେ ହୃଦ ଶୁଣି ଏହି ଗାନ ।
ଅନ୍ତରେ ସଞ୍ଚରେ ନାହିଁ ଲବେ ଧର୍ମଭାବ,
କେ କହିବ ଏ ସଙ୍ଗୀତେ ଅଛି କି ଅଭାବ ?
ଏହି ତ ସେ ମହାନଦୀ ଯାହାର ପୁଲିନେ,
ଏହି ତ ସେ ବାରବାଟୀ ଯହିଁ ଆହା ଦିନେ,
ବାଜି ତୂରୀ ଭେରୀ ଶିଙ୍ଗା ଘୋର ଘନ ଘୋଷେ,
ଉତ୍ତେଜିଲା ପ୍ରତି ପ୍ରାଣ ସାହସେ ସରୋଷେ ?
ବିପୁଳ ବିକ୍ରମ ସ୍ରୋତେ ପ୍ରତି ହୃଦସ୍ଥଳୀ,
ପ୍ଲାବି ଦେଶହିତେ ଦେଲା କେତେ ଆତ୍ମବଳି ।
ସେ ଦିନର ତେଜଃପୁଞ୍ଜ ଉତ୍ସାହ ଶକତି,
ସ୍ୱଦେଶ ସ୍ୱଧର୍ମ ପ୍ରତି ଅଟଳ ଭକତି,
ଭାସି ଯାଇଅଛି କିବା ସମୟ-ତରଙ୍ଗେ,
ଭାସିଯାଏ ଫେନ ଯଥା ମହାନଦୀ-ଅଙ୍ଗେ ।
ଜଗତର ସାକ୍ଷୀ ତୁମ୍ଭେ ଦେବ ନିଶାପତି,
ନକ୍ଷେ-ବର୍ତ୍ମେ ନିରନ୍ତର କର ଦିବ୍ୟ ଗତି ।
ଜଗତର ନାନା ସ୍ଥାନ କରିଛ ଦର୍ଶନ,
ନାନା ଜାତି ନାନା ଧର୍ମ ଉତ୍ଥାନ ପତନ ।
ପଡ଼େ ଯେହୁ ଥରେ ସେହୁ ଉଠେ ତ ଆଉର,
ଶର୍ବ୍ବରୀର ଅନ୍ତେ ଯଥା ଆସେ ଦିବାକର ।

ବାରବାଟୀ ଦଶା ଲଭି କେତେ ରସାତଳେ,
ଉଠିଅଛନ୍ତି କି ସ୍ଥାନ ଅଭିନବ ବଳେ ।
ତେବେ କିମ୍ପା ବାରବାଟୀ ହେବ ଆଶାହୀନ ?
ତେବେ କିମ୍ପା ବାରବାଟୀ ବଦନ ମଳିନ ?
ଢାଳିଦିଅ ସୁଧାକର ଦିବ୍ୟ ସୁଧାଝରୀ,
ଉଠୁ ମହାନଦୀ-ବକ୍ଷେ ଉତୁଙ୍ଗ ଲହରୀ ।
ଧୋଇ ବାରବାଟୀ-ମୁଖ କରୁ ସମୁଜ୍ଜ୍ୱଳ,
ଶୁଦ୍ଧ ଧର୍ମମଦେ ସର୍ବେ ହୁଅନ୍ତୁ ବିହ୍ୱଳ ।
ସଖରୁ ଏ ସଙ୍କୀର୍ତ୍ତିନେ ପବିତ୍ର ଉଚ୍ଛ୍ୱାସ,
କର୍ମବୀର, ଧର୍ମବୀର ହୁଅନ୍ତୁ ପ୍ରକାଶ ।

## ରେଲ ଉପରେ ଚିଲ୍କା-ଦର୍ଶନ

ରହ ରହ କ୍ଷଣେ ବାଷ୍ପୀୟ ଶକଟ,
ଦେଖିବ ଚିଲ୍କା ରୂପୁ ଚଟପଟ ।
ଚିର ମନେ ଯେଣୁ ନାହିଁ ଅନୁଭବ,
ବାସ୍ତବ ବକ୍ଷେ କି ଏ ଛବି ସମ୍ଭବ ?
ନୀଳ ବୀଚିମାଳା ଧୀରେ ଧୀରେ ଯାଏ,
ଲାଗଇ ସ୍ୱପନେ ଦେଖିଲି ପରାଏ ।
ସନ୍ତ୍ରସ୍ତ ବକ୍ଷେ ପକ୍ଷୀ ଦଳ ଦଳ,
ଓଲଟିଣ ତଳେ ଚରଣ ଯୁଗଳ ।
ଘୋର ନାଦେ ଯନ୍ତ୍ର ଉଠିଲେ ସେ ନଭେ,
ଉଠେ ଶତ ଖଗ ଚିଲ୍କା-ଗରଭେ ।
ସତ୍ୟ ବୋଲି ମନେ ନ ହେଉ ପ୍ରତୀତ,
ପଲକେ ସେ ଦୃଶ୍ୟ ହୁଏ ତିରୋହିତ ।
ଦୂରେ ଦେଖାଯାଏ ନଦାବ୍ଲୁଣ ଯାନ,
ଆସେ ପୁଣି ତରୁ ଶିଳା ବ୍ୟବଧାନ ।
ନିମିଷେ ଲୁଚଏ ନିମିଷେ ଦେଖାଏ,
ସ୍ୱପ୍ନଲଭ୍ୟ ପ୍ରିୟ ପ୍ରତିମା ପରାଏ ।
କାହିଁ ଘନେ ନୀଳ, କାହିଁ ସୁଶ୍ୟାମଳ,
କାହିଁ ବା ଧୂସର, କାହିଁ ବା ଧବଳ ।

ନାନା ସ୍ଥାନେ ନାନା ରଙ୍ଗେ ଦୀର୍ଘକାଯ୍ୟା,
ପ୍ରକାଶି ଚିଲ୍‌କା ! କରୁ କେତେ ମାୟା ।
ଦେଖି ବୀଣାପାଣି ଶାଶ୍ୱତ ସେବକ
କବି ରାଧାନାଥ ସୁଷମା-ଗ୍ରାହକ,
ଭ୍ରମି ବହୁ ସ୍ଥାନ ବିଶାଳ ଭାରତେ,
ନଦ-ନଦୀ-ମରୁ-କାନନ-ପର୍ବତେ,
ଦେଖିଲେ ପ୍ରକୃତି ବିବିଧ ପ୍ରକାଶ,
କିନ୍ତୁ ଶୋଭାଲୁବ୍ଧ ଶୁଦ୍ଧ ଅଭିଳାଷ
ସୁଖ-ଶାନ୍ତି-ପ୍ରୀତି କାହିଁ ଏକାଧାରେ,
ନ ପାଇଲେ, ଯଥା ମିଳେ ତୋହ୍ନଠାରେ ।
ଉତ୍କଳର ରୁଦ୍ଧ ସୌନ୍ଦର୍ଯ୍ୟର ଖଣି,
ସାରସ୍ୱତ ନେତ୍ରେ ବାଛି, ତହୁଁ ମଣି
ସୁଦକ୍ଷ ବିଜ୍ଞାଣି ରଚି ଯେଉଁ ହାର
ଅର୍ପିଲେ ଉତ୍କଳ-ଭାରତୀ ଗଳାର,
ଚିରଦିନ ତାହା ରାଜିବ ରୁଚିର,
ତା ଦେଖି ଭାବୁକେ ଲୋଡ଼ିବେ ତୋ ତୀର
ମୁଁ ଅଧମ ମୋର ଭାବୁକତା ନାହିଁ,
ତଥାପି ଏ ପ୍ରାଣ କେ ଜାଣେ କପାଇଁ
ଜନ୍ମରୁ ଲୋଡ଼େ ସୌନ୍ଦର୍ଯ୍ୟ ବ୍ୟାକୁଳେ,
ତେଣୁ ଭାବିଥିଲି ଆସି ତୋର କୂଳେ,
ଦେଖିବି ତୋ ଶୋଭା ବସେ ନିକାଞ୍ଚନେ,
କର୍ମ-ବନ୍ଧେ ଥିଲି ମନ କଥା ମନେ ।
ଏତେ କାଳ ଅନ୍ତେ ପଡ଼ିଥିଲି ଯୋଗ,
ଆହା ସେ ସୁଯୋଗ ହେଲା କାହିଁ ଭୋଗ !

ରହିଣ ଜଞ୍ଜାଳ ବିଷମ ଜଗତେ,
ସଂସାରୀ ସୋଦର ବାନ୍ଧବ ସଙ୍ଗତେ ।
ଇଚ୍ଛାମତେ କାହୁଁ ଚଳିବ ବା ଜନ ?
ସମାଜେ ନଜର ନୁହେଁ ନିଜ ମନ ।
ବସି କେତେ ଥର ନୀରବ ବିଜନେ,
ଦେଖିଛୁ ତୋ ରୂପ କଳ୍ପନା-ନୟନେ ।
ତୋ ନୀଳ ତରଙ୍ଗେ ଖେଳେ ନିରନ୍ତର,
ଅନୁପମ ଦିବ୍ୟ ହିରଣ୍ମୟ କର ।
ଦୂରୁ ଶଙ୍ଖରୂପ ତୋର ବକ୍ଷସ୍ଥଳେ,
ନାଚେ ଶତ ଶତ ମୋ କଳ୍ପନା ବଳେ ।
କଳ୍ପନାରଞ୍ଜିତ ତୋ ସୁନ୍ଦର ତନୁ,
କାଳେ କାଳେ ଆଉ ନ ଯିବ ମୋ ମନୁ
ଆଜି ଲୋ ଚିଲିକା ! କଳ୍ପନା ପ୍ରଭାବେ,
ପୂରଇ ମୋ ମନ ଆହା କେତେ ଭାବେ ।
ଅତୀତର ସୁଖ ସ୍ମୃତି ସମୁଚ୍ଚୟ,
ହର୍ଷ-ଖେଦେ କରେ ଆକୁଳ ହୃଦୟ ।
ତୋ ମଧୁର ନାମେ ରହିଛି ଜଡ଼ିତ,
ଗଉରବଯୁତ ଉତ୍କଳ-ଅତୀତ ।
କାହିଁ ଉତ୍କଳର ସେ ସୁକୃତରାଶି ?
ଯାହାର ପ୍ରଭାବେ ପ୍ରଭୁ ବ୍ରହ୍ମରାଶି
ନିଜେ ନିରଞ୍ଜନ ଜଗତ-ଈଶ୍ୱର
ଧରିଣ ସୈନିକ ନର କଳେବର
ଉତ୍କଳର ଯଶ ପ୍ରତିଷ୍ଠା ରକ୍ଷଣେ
ବିଜେ କଲେ ଘୋର ସମର-ପ୍ରାଙ୍ଗଣେ ।

କାହିଁ ସେ ସୌଭାଗ୍ୟ କାହିଁ ସେ ସୁକୃତ ?
ପବିତ୍ର ଉତ୍କଳ ଆହା କି ବିକୃତ !
ଆର୍ଯ୍ୟ ଧର୍ମକ୍ଷେତ୍ର ପୂତ ନୀଳାଚଳ
ହରାଇଛୁ ସବୁ କର୍ମ-ଧର୍ମ-ବଳ ।
ନାହିଁ ମୁଖେ ତେଣୁ ପୂର୍ବ ପୁଣ୍ୟକାନ୍ତି,
ହୃଦୟେ ସ୍ୱର୍ଗୀୟ ଧର୍ମଜାତ ଶାନ୍ତି,
ଜୀବନେ ପବିତ୍ର ଉତ୍ସାହ ଶକତି,
ଉତ୍କଳର ଆହା କି ଘୋର ଦୁର୍ଗତି !
କାହିଁ ଗଲ୍ ପୂର୍ବ ଓଡ଼ିଆ ବୋଇତ ?
କାହିଁ ସେ ନାବିକ ଉଦ୍ଦାମ ସଙ୍ଗୀତ ?
ଜଳପଥେ କାହିଁ ବିଦେଶ ଗମନ ?
କାହିଁ ପୂର୍ବ ଖ୍ୟାତି କାହିଁ ପୂର୍ବ ଧନ ?
କଥାରେ ରହିଛି ସବୁ ଆଜିଯାଏ,
ସାଧବାଣୀ ବୋଲନ୍ତୁ ବୋଇତ ବନ୍ଦାଏ ।
କଙ୍କରିତ ତୋର ଦୃଢ଼ ରମ୍ୟ ତଟ,
ଦୁର୍ଗମ ଶଇଲ ଅଭେଦ୍ୟ ସଙ୍କଟ ।
ଖେଳାଉଥିଲେ ଯେ ଧରି ନିଜ ଦେହେ,
ଉତ୍କଳର କେତେ ବୀର ଶିଶୁ ସ୍ନେହେ ।
ଅଛି ସେହି ଗିରି, ଅଛି ସେ ବିପିନ,
ଅଛି ତୋର ଶିଳା ସୁଦୃଢ଼ ପୁଳିନ,
କିନ୍ତୁ କାହିଁ ଆହା ଏବେ ସେ ବୀରତା ?
ଓଡ଼ିଆ ଜାତିର ପୂର୍ବ ଜାତୀୟତା ?

## ଗଞ୍ଜାମ ଜାତୀୟ ସମିତ

( ୧ )

ଅନ୍ଧାର ଉତ୍କଳ-ନଭେ ଏବେ ଶୁଭଦିନେ
ଉଇଁଛି ଉଜ୍ଜ୍ୱଳ ଆଶା- ତାରକା ଦକ୍ଷିଣେ,
ନବୋଦିତ ଯୋଗୁଁ ପ୍ରଭା ଅଳପ ବିକାଶ
ତଥାପି ଢାଳଇ ପ୍ରତି ପରାଣେ ଆଶ୍ୱାସ ।
ଉତ୍କଳ ଜାତୀୟ ପୋତ ସୁନିଶ୍ଚିତ ପଥ,
ଦେଖାଇବ ଏହି କ୍ଷୁଦ୍ର ତାରକା ସତତ ।
ଓଡ଼ିଆ ଜାତିର ଏହା ହେବ ଧ୍ରୁବ ତାରା
ନାଶି ତମଃ ପ୍ରକାଶିବ ଯଶଃ ଜ୍ୟୋତିଧାରା ।

( ୨ )

ଦିନେ ଗ୍ଭଲି ଯାଇଅଛୁ ଅହା ସେ ସୁଦିନ !
ସୁଭଗା ଉତ୍କଳ ଦେଶୁ ଆଜ ଦୀନହୀନ ।
ଦିନେ ଯେଉଁ ଧ୍ରୁବତାର କାଞ୍ଚି ଯାତ୍ରାକାଳେ,
ଚିଲ୍କାର ସ୍ୱଚ୍ଛ ବକ୍ଷେ ନୀଳ ଊର୍ମିମାଳେ
ଚଲାଇଲ ଶତ ଶତ ଓଡ଼ିଆ ବୋଇତ
ଜାତୀୟ ସମିତିରୂପେ ଆଜ ସେ ଉଦିତ ।

( ୩ )

ଧନ୍ୟ ହେ ଗଞ୍ଜାମବାସୀ ଓଡ଼ିଆ ସକଳ !
ଧନ୍ୟ ତୁମ୍ଭ କଉଶଳ, ଧନ୍ୟ ତୁମ୍ଭ ବଳ ।
ରାଧାକୃଷ୍ଣ ପ୍ରେମ କଥା ମଧୁର ସଙ୍ଗୀତେ,
ଉଦ୍ଧୀମୁଖେ ବଳଦେବ ଯହିଁ ଶୁଦ୍ଧଚିତ୍ତେ,
ଯହିଁ ମହାକବି ଭଞ୍ଜ ଶ୍ରୀରାମ ଚରିତ,
ଗାଇଲେ ପ୍ରଥମ ଦିବ୍ୟ ରସମୟ ଗୀତ ।
ରାମକୃଷ୍ଣ ପଦ ଲାଗି (୧) ଯାର ଧୂଳି ପୂତ
ତୁମ୍ଭେମାନେ ସେ ଗଞ୍ଜାମ- ଉପଯୁକ୍ତ ସୁତ ।

---

(୧) କବି କୃଷ୍ଣ ସିଂହ ଗଞ୍ଜାମ ଅଧିବାସୀ ଥିଲେ । ବଳରାମ ଦାସ ଋଷିକୁଲ୍ୟା ନଦୀକୂଳରେ କେତେକ ଦିନ ଆଶ୍ରମ କରିଥିବାର ତାଙ୍କ 'ରାମାୟଣ'ରୁ ଦେଖାଯାଏ ।

( ୪ )

ଦେଖାଇଲ ଯେ ଉତ୍ସାହ ଉଦ୍ୟମ ଶକତି,
ମାତୃଭାଷା, ମାତୃଭୂମି ଅଟଳ ଭକତି,
ଦେଲ ଯେ ଜାତୀୟ ଭାବ ଦୃଢ଼ ପରିଚୟ,
ଚିରଦିନ ଗାଇବେ ତା ଉତ୍କଳ-ତନୟ;
ଉତ୍କଳର ଇତିହାସେ ପାଇବ ତା ସ୍ଥାନ,
ଭାବୀ ବଂଶ ଦେଖାଇବେ ସାଦର ସମ୍ମାନ,
ଜାତୀୟ ଜୀବନେ ଏହି ପ୍ରଧାନ ଘଟନା,
ସ୍ଥାନେ ସ୍ଥାନେ ଓଡ଼ିଆଏ କରିବେ ବନ୍ଦନା ।

( ୫ )

ସୁସଭ୍ୟ ଇଂରେଜ- ରାଜ-ପିତୃ ସୁଶାସନେ,
ଶତ ବର୍ଷ ଅନ୍ତେ ଏବେ ଉତ୍କଳ ଭୁବନେ,
ଫଳିଲା ପାଶ୍ଚାତ୍ୟ ଶିକ୍ଷା ସୁମଙ୍ଗଳ ଫଳ,
ସମବେତ ଉଦ୍ୟମର ଅଦ୍ଭୁତ ବଳ ।
ସ୍ୱଦେଶ, ସ୍ୱଜାତି ହିତେ ସାଧୁ ସ୍ୱାର୍ଥତ୍ୟାଗ,
ସ୍ୱସମାଜ ସ୍ୱଧରମେ ଗାଢ଼ ଅନୁରାଗ,
ସୁସାହସେ ଦେଖାଇଲ ଯେ ଉଚ୍ଚ ଆଦର୍ଶ,
ଅନୁସରନ୍ତୁ ଉତ୍କଳେ ସର୍ବେ ପ୍ରତିବର୍ଷ ।

## ବ୍ରାହ୍ମଣ ସମିତି ଛାତ୍ରାବାସରେ

## ସମବେତ ଛାତ୍ରମାନଙ୍କ ପ୍ରତି

କହୁଛନ୍ତି କବି ଯାକୁ ତପୋବନ,
କର ଭଲ ତାକୁ ସେ ନାମଭାଜନ ।

ଅଶାନ୍ତି ଅନୈକ୍ୟ ହିଂସା ଦ୍ୱେଷ ରୋଷ,
ଆଲସ୍ୟ କ୍ଷୁଦ୍ରତା ବୃଥା ଅସନ୍ତୋଷ,

ବ୍ରହ୍ମବର୍ଚ୍ଚ ବଳେ ନ ପଶୁ ଏ ସ୍ଥଳେ,
ଜ୍ଞାନେ ଉଦ୍ଭାସିତ ହେଉ ଏ ଉତ୍କଳେ ।

ପୁଣ୍ୟ ନୀଳାଚଳ ପୁଣ୍ୟୋତ୍ତମ ସ୍ଥାନ
ହୋଇ ଲଭୁ ସଦା ଲୋକରେ ସମ୍ମାନ ।

କର୍ମୀ ଧର୍ମୀ ଯୋଗୀ ପୁରୁଷ ପ୍ରସୂତି
ବୋଲି ଚଉଦିଗ ପ୍ରସରୁ ବିଭୂତି ।

ଶ୍ରେଷ୍ଠବଂଶେ ତୁମ୍ଭେ ଲଭିଛ ଜନମ,
ବିଧିରେ ସମାଜେ ଆସନ ପ୍ରଥମ ।

ବାଣୀ-ଉପାସନା ତୁମ୍ଭ ଜାତିଧର୍ମ;
ସତ୍ୟାନୁସନ୍ଧାନ ପ୍ରିୟ ନିତ୍ୟକର୍ମ ।
ସ୍ୱାର୍ଥତ୍ୟାଗ ତୁମ୍ଭ ବଂଶର ଗରିମା,
ସତତ ସୌଜନ୍ୟ ବିନୟ ବଡ଼ିମା !

କୁଳ ଗଉରବ ବଂଶ ବଡ଼ପଣ
ରଖିବାକୁ ଯଦି ଅଛି ଯେବେ ମନ,

ଗଢ଼ ଏଥି ଦୃଢ଼େ ଜୀବନ-ବୋଇତ,
କର ଅୟୋଜନ ଭବିଷ୍ୟତ ହିତ ।

ଭାରତ-ଅର୍ଣ୍ଣବେ କି ଘୋର ତୋଫାନ,
ଦେଖି ଯଦି ଆଗୁଁ ହୁଅ ସାବଧାନ ।

ବହେ ଅଣଗୁଣ ପବନ କରାଳ,
ଉଠଇ ଉଦ୍‌ବେଳ ଭୀମ ଊର୍ମ୍ମିଜାଳ ।

କେତେ ଦ୍ୱୀପପୁଞ୍ଜ ନିମଗନ ଜଳେ,
କେତେ ଶତ ଶୈଳ ମିଶିଲେଣି ତଳେ,

ଭାରତ ଜାତୀୟ-ଜୀବନ ତରଣୀ
ପାଏ ନାହିଁ ଏବେ ସହଜ ସରଣୀ ।

ଜାତୀୟତା-ପୋତେ ଜୀବନ-ବୋଇତ
ଯୋଡ଼ିବା ତ ପ୍ରତି ଜନର ବିହିତ ।

ପଡ଼ିବ ହେବାକୁ ଏ ତୋଫାନେ ପାରି,
ହେବଟି କି ଯଦି ପାରଗ କାଣ୍ଡାରି ?

ସେହିପରି ବଳ କର ଅରଜନ,
ଆଗହୁଁ ସେପରି କର ଆୟୋଜନ ।]

ଭାରତବାସୀର ଧର୍ମବଳ ସାର,
ଧର୍ମ ବିନା ଆଜି ଏଡ଼େ ଦୁରାଚାର ।

ଧର୍ମେ ପରା ଆଗେ ତୁମ୍ଭ ଅଧିକାର,
ସତ୍ୟ ଶୁଦ୍ଧ ଧର୍ମ କର ହେ ପ୍ରଚାର ।

ଦେଖାଅ ଜୀବନେ ଅଦ୍ଭୁତ ଶକତି,
କର୍ମେ ଅନାସକ୍ତି; ଧର୍ମେ ଦିବ୍ୟ ରତି ।

ପୂତ 'କର୍ମଭୂମି' ଏ ଭାରତ ଧାମେ
ଆର୍ଯ୍ୟ ଅଭିମାନ କର କାର୍ଯ୍ୟ ନାମେ ?

ପ୍ରେମେ ଆଲିଙ୍ଗନ କର ସର୍ବଜନେ,
ଉଚ୍ଛୁଳାଅ ପ୍ରେମ-ଉଚ୍ଛ୍ୱାସ ଜୀବନେ ।

ତୁମ୍ଭ ଆଦରଣେ ଅନ୍ୟ ଯେତେ ଜାତି
ଛୁଟିବେ ପଲକେ ସାଧୁ କାର୍ଯ୍ୟେ ମାତି

ସାନ ବଡ଼ପଣ ସିନା ଭାଗ୍ୟାଧୀନ,
ସେଥିଲାଗି ମନ ନ କର ମଳିନ ।

ସତ୍ୟ, ଶମ, ଦମ, ଶଉଚ, ତିତିକ୍ଷା,
ଏ ଆଦି ସକଳ ତୁମ୍ଭ କୁଳ-ଦୀକ୍ଷା ।

ଆଚରଣ ତାହା ଜୀବନେ ନିରତେ,
ବ୍ରହ୍ମତ୍ୱର ତେଜ ପ୍ରକାଶ ଜଗତେ ।

ଲୋକହିତେ ପ୍ରାଣ-ପ୍ରଦାନ-ପ୍ରବଣ—
ଦଧୀଚି ଶୋଣିତ କରିଛ ଧାରଣ ।


ଦିଅ ସ୍ୱାର୍ଥବଳି ଦେଖାଅ ସେ ତ୍ୟାଗ,
ଭାରତ ଜାତୀୟ-ମହାଯାଗେ ଲାଗ ।

ବୀରେନ୍ଦ୍ର ଅଗ୍ରଣୀ କୃପ ଦ୍ରୋଣାଚାର୍ଯ୍ୟ
ଭୀଷ୍ମ ପୂର୍ବକାଳେ ନ କଲେ କି କାର୍ଯ୍ୟ !

ପରଶୁ ପ୍ରଭାବେ ଦେବ ନିରଞ୍ଜନ
କରିଣ ଦୁର୍ଦ୍ଦାନ୍ତ ନୃପତି ନିଧନ,
ବିଶ୍ୱହିତେ କଲେ ଶୋଣିତ ତର୍ପଣ,
ସେ କଥା କି ଆଜି ନ ହୁଏ ସ୍ମରଣ ?

ନିଜ ସୁଖ ଲାଗି ଜାତି ନୁହେ ହିନ୍ଦୁ,
ବିଶ୍ୱହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।
ଦେଖାଅ ଏ ସତ୍ୟ ଆପଣା ପରାଣେ,
ଦିଅ ଏହି ମନ୍ତ୍ର ସର୍ବ ବର୍ଣ୍ଣ କାନେ ।

ସର୍ବେ ଆମ୍ଭେ ଏକ ଈଶ୍ୱର-ସନ୍ତାନ,
ସାଧ ବିଶ୍ୱହିତ ତେଜି ଅଭିମାନ ।



## କାମ

କାମଦେବ, ସୃଷ୍ଟି ସ୍ଥିତି ସଂହାରକାରୀନ
ତୁମ୍ଭର ପ୍ରଭାବେ ଫୁଟେ ପୁଷ୍ପରାଜି ବନେ,
ମଞ୍ଜୁ ଗୁଞ୍ଜେ ଅଳି, ଗାଏ କୋକିଳ ସୁତାନ,
ସରସ ଉଲ୍ଲାସ ଜନ୍ମେ ଜଗତ ଜୀବନେ ।

ପାଦପେ ବଲ୍ଲରୀ, ମେଘେ ବିଜୁଳି ଜଡ଼ିତ,
ଉଠେ ଊର୍ମି ସିନ୍ଧୁଜଳେ ଇନ୍ଦୁ ଆଲିଙ୍ଗନେ,
ଅଙ୍ଗେ ଅଙ୍ଗ, ପ୍ରାଣେ ପ୍ରାଣ ହୁଅଇ ମିଳିତ,
ସହଜ ପବିତ୍ର ପ୍ରେମେ, ତୁମର ପ୍ରେରଣେ ।

ସୁମଧୁର-ମଧୁରାଜ୍ୟ-ଦେବ ରତିପତି !
ତବ ମୃଦୁ ଆଶ୍ୱାସନେ ପୁଲକେ ହୃଦୟ ।
ଦାରୁଣ ତାଡ଼ନା ମୂଢ଼ ଉପାସକ ପ୍ରତି
ଆମରଣ ଦୁଃଖ-ଶୋକ-ଅନୁତାପମୟ ।

ତୁମ୍ଭ ମଧୁଭାବେ ଜ୍ଞାନୀ କରେ ଅନୁଭୂତ
ଶୁଦ୍ଧ ଦିବ୍ୟ ବିଶ୍ୱପ୍ରେମ-ଜଡ଼ ପ୍ରତିକୃତି ।

## କ୍ରୋଧ

ମାନବ ଦୁରନ୍ତ ରିପୁ ଅନଳପ୍ରତିମ
ସାଧୁମୁଖେ କ୍ରୋଧ ! ସଦା ତବ ନିନ୍ଦାବାଦ;
ତୁମ୍ଭ ଆବର୍ତ୍ତେ ଘଟେ ଅଶାନ୍ତି ଅସୀମ,
ସମାଜ ଶାସନେ ଘୋଟେ ଘୋର ପରମାଦ !

ମହାକାଳରୂପୀ ଦେବ ! ଯେବେ ପରକାଶେ
ସତ୍ୟର ସପକ୍ଷେ ତବ ଭୀମକାନ୍ତ କାୟା
ନାଶେ ପାପୀ ଭୟେ, ନାଚେ ଧାର୍ମିକ ଉଲ୍ଲାସେ,
ସେ ମୂର୍ତ୍ତି ସମ୍ମୁଖେ ନମେ କ୍ଷୀଣ ଭବମାୟା !

ଜର୍ଜରିତ ଅତ୍ୟାଚାର ଅନ୍ୟାୟ ଦୂଷଣେ
ପ୍ରଚଣ୍ଡ ପ୍ରଭାବେ ପ୍ରେର (୧) ତ୍ରିଂଶକୋଟି ପ୍ରାଣେ
ସତ୍ୟ-ଧର୍ମ-ନ୍ୟାୟ ସଖା ରୁଦ୍ରରୂପୀ କ୍ରୋଧ !
ନମେ ତବ ପଦେ, କର ପାପ ପ୍ରତିଶୋଧ !

(୧) ପ୍ରେର—ପ୍ରେରଣା କର ( inspiring)

## ରେଭେନ୍‌ସା କଲେଜରୁ ବିଦାୟ

ସତେ ଆଜ ଜନନି ! ଏ ଅଧମ ତନୟ
ସଂସାର-ଘଟନା-ବଳେ
ଭାସି ଶୋକ-ଦୁଃଖ-ଜଳେ
ଛାଡ଼ିଲା ତୁମ୍ଭର ଗୁରୁ ଅଙ୍କ ମଧୁମୟ,
ନିଃସହାୟେ ଲୋଡ଼େ ଏବେ ସଂସାରେ ଆଶ୍ରୟ ।

ସଂସାର ବିଷମ ସ୍ଥାନ
ନାହିଁ ଜ୍ଞାନ, ନାହିଁ ଧ୍ୟାନ,
ଅଜ୍ଞାନେ ସକଳେ ଏଥି ସତତ ଚଞ୍ଚଳ,
ତୋ କୋଳ ସମାନ ନାହିଁ ଶାନ୍ତିମୟ ସ୍ଥଳ ।

କେତେ ଦିବ୍ୟ ଛବିରାଶି
ମୋ ହୃଦ-ତରଙ୍ଗେ ଭାସି
ଯାଉଥିଲା ଥିଲି ଯେବେ ତୋର କୋଳେ ଖେଳେ,
ସେସବୁ ରହିବ ଠିକ ଏବେ ଭବସ୍ରୋତେ ?

ତୋ ମନୋହର ଉଦ୍ୟାନେ
ନିକାଞ୍ଚନେ ଏକଧ୍ୟାନେ
ଚନ୍ଦ୍ରାଲୋକେ ବିହରଣ ପୁଷ୍ପ ବନ୍ଧୁ ମେଳେ,
ଦେଖିଛୁ ଅପୂର୍ବ କେତେ ଛନ୍ଦ ବେଳେ ବେଳେ ।

ଦେଲେ ଏ ଯେ ନରଦେହ
ଥିଲେ କରିଥାନ୍ତେ ସ୍ନେହ
ସ୍ୱପ୍ନେ ଦିନେ ଦେଖି ନାହିଁ ତାଙ୍କ ସୁଧାମୁଖ,
ଆଜନମ କାଳୁ ମୋର ଚିର ସଖା ଦୁଃଖ ।

କିନ୍ତୁ ମୋ ମନ-ନୟନ
କରି ମାତ ! ଉନ୍ମୀଳନ
ଚଖାଇଛ ମୋତେ ଯେଉଁ ସାମାନ୍ୟ ଅମୃତ,
ଆମରଣ ତହିଁ ଯୋଗେ ହେବି କୃତକୃତ୍ୟ ।

ଥିଲେ ଯହିଁ ତହିଁ ମାତ !
ଅଜ୍ଞାତ କି ଅବା ଖ୍ୟାତ
ଜାଗ୍ରତ ଥିବ ମୋ ମନେ ତୁମ୍ଭ କଥା ନିତ,
ହୁଏ ଯେତେ ବର୍ଷୀୟାନ୍
ଥିବ ତୁମ୍ଭ ପଦେ ଧ୍ୟାନ
ତୁମ୍ଭ ହିତେ ଜନନୀ ଗୋ ! ଲଭିବଇ ପ୍ରୀତି ।

'ରେଭେନ୍ସା କଲେଜରୁ ବିଦାୟ

ପୂର୍ବେ ଉଇଁ ଦିବାକର
କ୍ରମେ ଉଠେ ଯେତେ ଦୂର
ବଢ଼ଇ ମମତା ତେତେ ଶୈଶବ ସଦନେ ।
ଅସ୍ତାଚଳ ଶିରଦେଶେ
ପରବେଶି ଦିବାଶେଷେ
ପରଶେ ସ୍ଥବିର କରେ ପୂର୍ବାଶା ଚରଣେ ।

ଶିଖାଇଛ ଯେଉଁ ଶିକ୍ଷା
ଦେଇଅଛ ଯେଉଁ ଦୀକ୍ଷା
ନିରନ୍ତର ପ୍ରତିଫଳୁ ତାହା ମୋ ଜୀବନେ,
ଏହି ଭିକ୍ଷା ଅକିଞ୍ଚନ କରେ ଶ୍ରୀଚରଣେ ।

# ମୋ ନାନୀ

ଆବାଲ୍ୟ ବିଧବା ଆହା ! କେବେ ମାତ୍ର ବାରେ
ଭୋଗି ନାହିଁ ଭବ୍ୟ ଶୁଦ୍ଧ ଦାମ୍ପତ୍ୟ-ପ୍ରଣୟ,
ପର ସେବାବ୍ରତେ ନିଜ ଜୀବନ ସର୍ବସ୍ୱ
ବ୍ୟସ୍ତ କରିବାକୁ ତବ ଜନ୍ମ ଏ ସଂସାରେ ।

ସଦା ସମଭାବ ତବ ଭିତରେ ବାହାରେ,
ପର ଲାଗି ଆଲୋଡ଼ିତ ସତତ ହୃଦୟ,
ଆଜୀବନ ତେଜି ନିଜ ସୁଖ ସମୁଦୟ,
ସୁଧା ସମ ମାତୃଭାବ ମିଳେ ତୁମ୍ଭଠାରେ ।

ସଦାଶୟା ସ୍ନେହମୟୀ ପରମପାବନୀ,
ଜୀବନ ମହତ ଲକ୍ଷ୍ୟ ସାଧୁଛ ଗୁପତେ,
ତୁମ୍ଭ ଶିକ୍ଷା ଆଚରିଲେ ସକଳ କାମିନୀ,
ଓହ୍ଲାଇ ଆସନ୍ତା ସ୍ୱର୍ଗ ଏ ମର୍ତ୍ତ୍ୟ ଜଗତେ ।

ତୁମ୍ଭର ନିଷ୍କାମ ସ୍ନେହ ସଦା ଥିବ ମାନି,
ଯହିଁ ଥିଲେ ସ୍ମରୁଥିବ ଜଣ "ନାନୀ, ନାନୀ" ।

# ଛବିଶ ବର୍ଷ ପ୍ରବେଶ

ଅଲକ୍ଷିତେ ନିଶିଦିନେ ଆହା କି ବେଗରେ
ବହି ଯାଉଅଛି କାଳ-ନିରପେକ୍ଷ-ନଦୀ !
ଅସଂଖ୍ୟ କଳ୍ପନା-କଳି ରହିଛି ଅନ୍ତରେ,
ବିକଶିତ ହୋଇ ନାହିଁ ଗୋଟିଏ ଅବଧି ।

ପଚିଶ ଛବିଶ ବର୍ଷ ହେଲା ଏବେ ଗତ
ପଛକୁ ଚାହିଁଲେ ହୃଦ ଆହା କି ବିକଳ !
ଅତୀତ କେବଳ ମୋର ରୁକ୍ଷ ସଇକତ ,
ଦିଶେ ନାହିଁ କାହିଁ ଏକ ଶ୍ୟାମ ଦୂର୍ବାଦଳ !

ଏ ଦେହର ନାବ ଆଉ ଜୀବନ-ସରିତେ
ବାହିବ ବା କେତେ ଦିନ ବହ୍ନିମୀ ବିଷାନ,
ମଧ୍ୟାହ୍ନେ ପ୍ରଦୋଷ ଛାୟା ପଡ଼ଇ ମୋ ଚକ୍ଷେ,
ମୋ ଆଶା-ମୁକୁଳରାଜି ବସନ୍ତେ ମଳିନ ।

ଧର୍ମ ଅନୁକୂଳ ଯେବେ ମୋ କାମନାଚୟ,
ସାଧନେ ଶକତି ଦିଅ ପ୍ରଭୁ ଦୟାମୟ !

## ବିଷାଦ ସମୟରେ ଲିଖିତ କତିପୟ ପଂକ୍ତି

ପ୍ରଣୟର ସୁହାସ ଲୋତକ,
ସୁଖ ଦୁଃଖ ଆହ୍ଲାଦ ଯାତନା,
ଜୀବନେ ମୁଁ ଭୋଗିଛି ଅନେକ,
ନାହିଁ ଆଉ ଅଧିକେ କାମନା !

ମୋ ଜୀବନ-ବୀଣାଯନ୍ତତାର,
ସ୍ୱରସ୍ୱାନ ବଇଭମ ଅତ,
ଏବେ କ୍ରମେ ହେଉଛି ଅସାର,
ତେଜ ଆଦ୍ୟ ମୋହନୀ ଶକତ ।

ମଧୁକାଳ ଆଶା-ଫୁଲଗଛ
ଯଦ୍ୟାଧର ରୋପନ କରଣେ,
ଶୁଖିଲଣି କି ବିଷାଦେ ଆଜ
ଗନ୍ଧସ୍ୱାନ ଜୀବନ-କାନନେ ।

ପ୍ରଭାତର ମୃଦୁ ଗନ୍ଧବହ
ହରାଇଛୁ ନିଜ ଶୀତଳତା,
ଗ୍ରୀଷ୍ମ ଝଞ୍ଜା ପବନ ପ୍ରବାହ
ନାଶେ ଏବେ ହୃଦ-ସରସତା ।

ଭ୍ରମି ଭ୍ରମି ଅବସନ୍ନ କାୟା
ବିଷମ ଏ ବହୁ ଦୂର ବାଟେ,
ଦେଖିବଇଁ ଯେବେ ସ୍ନିଗ୍ଧ ଛାୟା
ବିଶ୍ରାମିବ ତହିଁ ଜଳଘାଟେ ।

ଶୁଣି ଖଗ ମଧୁର କାକଳୀ
ଜାଣିଁ ଜାଣା ରଖିବ ସମ୍ବାଦ,
ପକ୍ଷୀଗୀତେ ଦେବ କରତାଳି,
କେହୁ ମୋର ନ ଥିବେ ବିବାଦୀ ।

ତରୁଲତା ନବ କିଶଲୟେ
ବିରଚିଣ କୋମଳ ଆସନ,
ଶୋଇବି ମୁଁ ବିତାନ ହୃଦୟେ
ଶୁଣିବାକୁ ବାୟୁ ସନ ସନ ।

## ଚନ୍ଦ୍ର

( ୧ )

ଆରେ ପୂର୍ଣ୍ଣ ନିଶାମଣି ! ଯେ କାଳେ ତୁ ନକ୍ଷତ୍ରଶ୍ରେଣୀ
ସଙ୍ଗେ କରୁ ପ୍ରିୟ ସମ୍ଭାଷଣ,
କାହୁଁ କମ୍ପା ତୋ ଉତ୍ପତ୍ତି କଲ୍ପ କେଉଁ ମହାମତି
ଏ ତତ୍ତ୍ୱ ସକଳ ସଦା ଭାବଇ ମୋ ମନ,
ଦେଖିଲେ ସେ କାଳେ ତୋର ବିମଳ ବଦନ ।

( ୨ )

କେ କହେ ତୋର ଶରୀର ଧରିଛୁ ବହୁ ଭୂଧର,
ବହୁ ଶତ ନିବିଡ଼ କାନନ,
ନାହିଁ ତୋହର ପବନ, ଅଟୁ ତୁ ଧରା ସମାନ,
ଅତି ସୁପ୍ରକାଣ୍ଡ ଏକ ବସ୍ତୁ ଅଚେତନ;
ମାନି ଏ ବିଷୟ କେବେ ନ କରେ ମୋ ମନ ।

( ୩ )

ଯଥାର୍ଥ ଅଟୁ ତୁ କିସ ? କହ ରେ ରଜନୀ-ଈଶ,
ଜପତପେ କି କରୁଛୁ ସାଧନ ?
ସ୍ୱସ୍ଥରୁ ଅତି ଆନନ୍ଦେ, ଏ ଜଣୀଥେ ମନେ ମନେ,
ଅଂଶମାଳେ ଭ୍ରମନ୍ତିଣ ସମସ୍ତ ଭୁବନ,
ଏ ମହାଲକ୍ଷ୍ୟ କି କେବେ ଜାଣିବ ଏ ଜନ ?

( ୪ )

ଏ ସ୍ଥୁଳ ପାର୍ଥିବ ଜନ କି ସ୍ଥୁଳ ଏହାର ଜ୍ଞାନ,
ବୁଝୁ ପୁଣି ସୁରଲୋକବାସୀ,
ହେ ଜଗତ୍ର ତତ୍ତ୍ୱମାନ, ବୁଝିବ କି ଏ ଅଜ୍ଞାନ,
ଶାନ୍ତିମୟୀ ଜଣିଗଣୀ ଯା ପାଦର ଦାସୀ,
ଅନୁଗତ ଯାର ତାର ଛହ ଗଣି ଗଣି ।

( ୫ )

ତରେ ହୁଏ ଅନୁମିତ, ଗାଉ ତୁ ବିଶ୍ୱ-ସଙ୍ଗୀତ;
ପ୍ରକାଶିବା ପାଇଁ ଏ ଜଗତେ
ଭକ୍ତାଙ୍କର ଅବସ୍ଥିତ କଲେ ଯେ ତୋର ସୃଷ୍ଟି,
ଜର୍ଗିବ ବୋଲୁଣ ତୋତେ ବୋଲିବ କେମନ୍ତେ ?
ରହୁ ଏ ମୋ ମୁଗ୍ଧ ମନ ତୋ ବିଶ୍ୱ-ସଙ୍ଗୀତେ ।

# ଏକ ଅସରା ବର୍ଷାର ଅବ୍ୟବହିତ ପରେ ନଗ୍ରାଜ ଦର୍ଶନ

ସତ୍ୟ ଶାନ୍ତି ସୁଖ ସଦା ମାନବ-ଜୀବନ
ଖୋଜଇ ବ୍ୟାକୁଳେ ବ୍ୟସ୍ତ ସଂସାର ଗହ୍ୱରେ,
ମିଳିଲେ ଏପରି ସ୍ଥାନ କେବେ ସ୍ୱର୍ଗ୍ୟଫଳେ
ଅପସରେ କ୍ଷଣେ ଭବ ଦାରୁଣ କମ୍ପନ ।

ସନ୍ଦ୍ୟସ୍ନାତ ଏହି ଛବି ଶୁଭ୍ର ଘନଜାଲେ
ଅସ୍ତମିତ ରବି-କରେ ଦ୍ୱିଗୁଣ ଉଲ୍ଲାସେ,
ବିରାଜେ ଶ୍ୟାମଳ ଶସ୍ୟ କ୍ଷେତ୍ର ଚଉପାଶେ,
ବିଶଦେ ସକଳ ନଦୀ ବକ୍ଷେ ପ୍ରତିଫଳେ ।

ଶଇଳ ଶିଖରେ ଶୋଭେ ଶୁଭ୍ର ଶିବାଳୟ,
ସମସ୍ତ ଶ୍ୟାମଳ ଦୃଶ୍ୟ ମଧ୍ୟେ କି ରୁଚିର !
ନୀଳ ମେଘେ ଯଥା ପୂର୍ଣ୍ଣ ଚନ୍ଦ୍ରମା ଉଦୟ,
ଶିବ ସଙ୍ଗବଶେ ଶାନ୍ତ ଅଧିକ ଗମ୍ଭୀର ।

ଦେଖ ଦେଖ ବନ୍ଧୁଗଣ ! ପୁରାଇ ନୟନ,
ଏ ଯୋଗ ଜୀବନେ ଘଟେ ଅତି ଅଳ୍ପକ୍ଷଣ ।

# ଗ୍ରୀଷ୍ମେ ଝୁଣ୍ଟାଗଛ

ହେ ତରୁବର ! କାହିଁ ସେ କଳେବର ?
ଥଲପତ୍ରନ ତଳେ ଏଡ଼େ ସୁନ୍ଦର !
ମନୋଜ୍ଞ କିଶଳୟଦଳେ ଶୋଭିତ,
ମୋହିତ କରୁଥିଲୁ ସ୍ୱରୂକ ଚିତ୍ତ ।
ନବୀନ ଯୁବାଜନ ସମ ପ୍ରଫୁଲ୍ଲ,
ଦିଶୁଥିଲୁ ରେ ଦ୍ରୁମ କେଡ଼େ ମଞ୍ଜୁଳ !
ଏବେ କିପାଇଁ ତେଜି ସେ ଦିବ୍ୟ ଦେହ,
ଏ ଦୀନମ୍ଳାନ ବେଶେ କରୁଛୁ ସ୍ନେହ ?
ଝୁଣ୍ଟା ଶସ୍ଥରେ ସ୍ଥିରେ ହୋଇଛୁ ଛିଡ଼ା,
ପୂର୍ବପରି ପବନେ ନାହିଁ ତୋ କ୍ରୀଡ଼ା ।
କଙ୍କାଳ ମାତ୍ର ଅଛି ତୋ ଅବଶିଷ୍ଟ,
ନ ଜାଣଇ ପଡ଼ିଲୁ କି ଦଶା ଭ୍ରଷ୍ଟ ।
ନିଦାରୁଣ ନିଦାଘ ହୋଇ ଭଗାରି,
ବଳ ବସ୍ତ୍ର ବପୁ ନେଲା କି ସାରି ?

ତୋ ପୂର୍ବତନୁଶୋଭା ସୁମରି ମନେ,
ଏ ରୂପ ଦେଖି ଅଶ୍ରୁ ଆସେ ନୟନେ;
କ୍ଷଣ-ଭଙ୍ଗୁର ସିନା ନର-ଯୌବନ
ପ୍ରସ୍ଫୁଟିତ କୁସୁମେ ବାସ ଯେସନ ।
ଦେଖିଣ ଭବେ ଜନ୍ତ ଏପରି ସ୍ଥିତି,
ଆଚରେ ଯୁବାଜନ କେତେ ଅନୀତି ।
ହେ ବୃକ୍ଷରାଜ ! କଲ ଯେଉଁ ବିଚାର,
ନୁହେ ତୋର ସେପରି ହୀନ ଆଚାର ।
ତୋ ଯୁବାକାଳେ ସାଧି ପ୍ରାଣୀ-ମଙ୍ଗଳ,
କରିଛୁ ରେ ପାଦପ ! ଜନ୍ମ ସଫଳ ।
ଦେଇ କୋମଳ ଛାୟା ସୁପକ୍ୱ ଫଳ,
କରିଛୁ କେତେ ଦଗ୍ଧ-ପ୍ରାଣ ଶୀତଳ ।
କାଟିଲୁ ଯୁବାକାଳ ପରୋପକାରେ,
ଧନ୍ୟ ଧନ୍ୟ ଜୀବନ ତୋର ସଂସାରେ !
ଏବେ ମାୟା ମମତା ସବୁ ବିହରି,
ନୀରବେ ଏକ ଲକ୍ଷ୍ୟେ ଭଜୁ ଶ୍ରୀହରି ।
ଧରିଣ ଯତି-ଦୀକ୍ଷା ସାଧୁଛୁ ଯୋଗ,
ପରମବ୍ରହ୍ମେ ଚିତ୍ତ କରି ସଂଯୋଗ ।
ପ୍ରଖର ରବି-କରେ ଟେକିଛୁ ମଥା,
ତପ-ପ୍ରଭାବେ ହୃଦେ ନ ଲାଗେ ବ୍ୟଥା ।
ଚଉପାଶେ ଦାବାଗ୍ନି ପ୍ରଚଣ୍ଡେ ଜଳେ,
ଅନଳକୁଣ୍ଡେ ଯଥା ତପସ୍ୟା ସ୍ଥଳେ ।
କଳ୍ପଯୋଗୀ ପରାୟେ ଦିଶେ ଶରୀର,
ରହିଛି ଅସ୍ଥି-ଚର୍ମ, ନାହିଁ ରୁଧିର ।

ଦେଖିଣ ଏ ନୀରସ ସ୍ଥବିର ତନୁ,
ଭସ୍ମ ଚର୍ଚ୍ଚିତ ଭାବ ଉପୁଜେ ମନୁ ।
ପଡ଼ଇ ସ୍ମୃତି-ପଥେ ଅତୀତ କଥା,
ଭାରତର ଗୌରବ ଆଶ୍ରମପ୍ରଥା ।
ସମାଜ ସୁରକ୍ଷଣେ ଅପୂର୍ବ ବିଧି,
କାହିଁ ଗଲା ଏବେ ସେ ଅମୂଲ୍ୟ ନିଧି ।
ମୁକତିଲଭେ ସେହି ଧର୍ମ-ନିଶୁଣି,
ସତେ କି କେବେ ଫେରିଆସିବ ପୁଣି ?
ଗୃହସ୍ଥାଶ୍ରମ ଏକା ଏ ଯୁଗେ ସାର,
ନ ତୁଟେ ମଲଯାଏ ମାୟା-ସଂସାର ।
ଗୃହସ୍ଥାଶ୍ରମେ ପୁଣି ନାହିଁ ସେ ନୀତି,
ଧର୍ମ-କର୍ମ-ସାଧନେ ସରଳ ପ୍ରୀତି ।
ସ୍ୱାର୍ଥ-ସାଧନେ ରତ ସର୍ବେ ନିରତେ,
କେତେ କାଲ ଏପରି ହେବ ଭାରତେ !

## ଗୋଟିଏ କାଞ୍ଚନ ଗଛ

ନବ ଦୂର୍ବାଦଳ ଶେଯେ ଧରାଧାତ୍ରୀକୋଳେ
ବଢ଼ିଥିଲୁ ତେଜପୁଞ୍ଜେ ଆହା କେଡ଼େ ଭୋଳେ !
ଦେଲା ପ୍ରକୃତି-ଜନନୀ ଲୋଡ଼ୁ ଯେବେ ଯାହା,
ନ ଥିଲା ତୋର ଏ ଭବେ କେହ୍ନ ଆଉ ସାହା ।
ନତଶିରେ ଲୋଟୁଥିଲୁ ସୁଖେ ଜନ୍ମଦେଶେ,
ସ୍ୱାଧୀନତାବଶେ ଶୋଭୁଥିଲୁ ଚାରୁବେଶେ ।
ଧରୁ ରାଶି ରାଶି ଫଳ ଗଲା ସବୁ ନାଶ,
ତିଳେହେଲେ ମନେ ତୋର ନ ହୁଅଇ ତ୍ରାସ ।
କିନ୍ତୁ ଫଳ-ଅଭିଳାଷୀ ଦୁରାଶୟ ନର,
ଲଗାନ୍ତେ ତୋ ଦିବ୍ୟ ଶୁଭ୍ର କଳେବରେ କର;
ଝାଉଁଳି ପଡ଼ିଲୁ ସିନା ପାପର ପରଶେ !
ସ୍ୱାଧୀନତା ହରାଇଣ ରହୁଛୁ ବରଷେ ।
ରଞ୍ଜା ଝଞ୍ଜା ହେଲା ତୋର ଅଙ୍ଗବୃଦ୍ଧି ଲାଗି,
କହ ତା ସଂଯୋଗେ କାହିଁ ହେଲୁ ଦୁଃଖଭାଗୀ ?
ଅନ୍ୟର ଆଶ୍ରୟ ପାଇ ଉଚେ ଶିର ଟେକି,
ବଡ଼ପଣ ଅଭିଳାଷେ ନର ଅବିବେକୀ ।
ସ୍ୱାଧୀନତାପ୍ରିୟେ ! ଧର ଅମର ଚରଣ,
ଭାଗ୍ୟ ଅରଜନୁଁ ଶ୍ରେୟ ମଣିଲୁ ମରଣ ।

# କୋକିଳ

ମଧ୍ୟାହ୍ନ ତପନ-କର ପ୍ରଚଣ୍ଡ ପ୍ରଖର
ଅବସନ୍ନ ତରୁଲତା ପଶୁ-ପକ୍ଷୀ-ନର,
ଏବେ ଶ୍ରମବାଧା ପାଇ,
ପ୍ରବେଶିଲି ଛାୟାପ୍ରଦ ଘନ ବନେ ଯାଇ । ୧ ।

ଆହା କେଡ଼େ ଶାନ୍ତମୟ ଏହୁ ବନସ୍ଥଳୀ !
ଶୁଭୁନାହିଁ ସୁଦ୍ଧା ଏଥି ବିହଙ୍ଗ-କାକଳୀ,
ବହେ ସ୍ୱର୍ଗଙ୍ଗା ସୁନ୍ଦରୀ,
ନୀରବ ଗମ୍ଭୀରେ ନିଜ ଗତି ଅନୁସରି । ୨ ।

ସୁଶ୍ୟାମଳ ତୃଣବାସେ ଆଚ୍ଛାଦିତ ମହୀ
ସୁଶୀତଳ ସମୀରଣ ବହେ ରହି ରହି,
ଆହା କିଏ ସେ ଏକାଳେ,
ମୋ ଶ୍ରୁତିପଥରେ ସୁଧାମୟ ବାଣୀ ଢାଳେ ? ୩ ।

ସଂସାର-ସମରେ ଦଗ୍ଧ ମୋ ବ୍ୟସ୍ତ ଜୀବନ
ପରମ ଉଲ୍ଲାସ-ରସେ ହେଲା ନିମଗନ,
ଆହା ସେ ମଧୁର ଗୀତ,
ମୋ ତାପିତ ହୃଦେ ଜାତ କଲା ଦିବ୍ୟ ପ୍ରୀତ । ୪ ।

ନିରେଖିଲି ଚଉଦିଗେ ସାବଧାନ ନେଇ
କାହାକୁ ଦେଖିଲି ନାହିଁ ଡାଳେ କିବା ପେଇ
ବହେ ସେ ସଙ୍ଗୀତ-ସୁଧା,
ପୁଲକ ଉଠେ କି ସତେ ନିଖିଳ ବସୁଧା ! ୫ ।

ମନେ ବିସ୍ମରିଲି ଶାନ୍ତଦେବୀ ରାଜପଣେ
କରନ୍ତି ସଙ୍ଗୀତ ସ୍ୱର୍ଗ-ଅପସରାଗଣେ
ରହି ଅଦୃଶ୍ୟେ ଗୋପନେ,
ବୁଝିବେ ଏହାର ଅର୍ଥ କାହୁଁ ମର୍ତ୍ତ୍ୟଜନେ ? ୬ ।

କ୍ଷୁଦ୍ର ପକ୍ଷୀ ଏକ ତରୁଶାଖାରୁ ଏକାଳେ
ଉଡ଼ି ପଶିଗଲା ଲତାକୁଞ୍ଜ ଅନ୍ତରାଳେ,
ବାଣୀସ୍ରୋତ ପରମ୍ପରା,
ଏବେ ତାହା ପଛେ ପଛେ ବହିଗଲା ପରା ! ୭ ।

ସେ ଲତାମଣ୍ଡପୁ ପୁଣି ବାହାରିଲା ତାନ,
ଜାଣିଲି ସେ କ୍ଷୁଦ୍ର ପକ୍ଷୀ କରୁଅଛି ଗାନ,
ଧନ୍ୟ ଧନ୍ୟ ରେ ବିହଙ୍ଗ,
କି ହେବ ବା ହେଲେ ତୋର ଅସୁନ୍ଦର ଅଙ୍ଗ ? ୮ ।

ଗୁଣ ଥିଲେ ରୂପରେ କି ଅଛି ପ୍ରୟୋଜନ ?
ରୂପ ଅଟଇ କେବଳ ବାହ୍ୟ ଆଭରଣ,
ଧନ୍ୟ ଧନ୍ୟ ରେ ବିହଙ୍ଗ,
କି ହେବ ବା ହେଲେ ତୋର ଅସୁନ୍ଦର ଅଙ୍ଗ ? ୯ ।

ଭାରତ ପ୍ରାଚୀନ ଆର୍ଯ୍ୟ ମୁନିଗଣ ପରି
ମହାଲକ୍ଷ୍ୟ ସାଧି ଗୁପ୍ତେ ସାଧୁଭାବ ଧରି,
ତେଜି ତେଜ ଆଡ଼ମ୍ବର,
ଉଚାରୁ ନିଭୃତେ ବସି ଏ ମହାମନ୍ତ୍ର । ୧୦ ।

ସେ ମହାପୁରୁଷେ ଯଥା ବସି ବନସ୍ଥଳେ
ପ୍ରକାଶିଲେ ଦିବ୍ୟତତ୍ତ୍ୱ ଧରଣୀ-ମଙ୍ଗଳେ,
ତଥା ତରୁ ଦିବ୍ୟନାଦ,
ଶୁଣି ଯାହା ତୁଟେ ନର-ହୃଦ ଅବସାଦ । ୧୧ ।

ଏ ଯୁଗର ପ୍ରାଣୀ ନୋହୁ ଜାଣିଲି ରେ ପକ୍ଷି !
ପ୍ରାଚୀନ ମହତ୍ତ୍ୱ ଭାବ ଅଛୁ ତେଣୁ ରଖି,
ନାହିଁ ଗର୍ବ ଅହଙ୍କାର,
ତୋ ନିବାସ ଉପଯୋଗୀ ନୁହେ ଏ ସଂସାର । ୧୨ ।

କେଉଁ କ୍ଷୁଦ୍ର ଦେହେ କେଉଁ ଗୁରୁତର ଭାବ
ଲାଗଇ ଆଶ୍ଚର୍ଯ୍ୟ ମୋତେ ଦେଖି ତୋ ପ୍ରଭାବ,
ଆରେ ପ୍ରବୀଣ ବିହଙ୍ଗ,
ଲଭିବାକୁ ମୋର ଇଚ୍ଛା ତୋର ସାଧୁସଙ୍ଗ । ୧୩ ।

ଅଜ୍ଞାନ ତିମିରେ ଅନ୍ଧ ଭାରତ-ସନ୍ତାନ
ହରାଇଛନ୍ତି ଜାତୀୟ ମାନ ଅଭିମାନ,
ଆରେ ପ୍ରିୟ ପକ୍ଷିବର,
ଗାଅ ନାହିଁ ପୂର୍ବ ସ୍ମୃତି ବଦନେ ଅନ୍ତର । ୧୪ ।

ଜାଣିବ କି ହେ ପାଠକ ଏ ବିହଙ୍ଗ ନାମ,
ଜାଣିବ କି କାହିଁ ଏହା ସୁଖମୟ ଧାମ ?
ନାମ ଏହାର କୋକିଲ,
ବସନ୍ତ-ରାଜ୍ୟ-ନିବାସୀ 'ସୁରକ୍ଷଣଶୀଳ' * । ୧୫ ।

---

* ପ୍ରାଚୀନ ଉତ୍ତମ ବୃକ୍ଷସକଳର ରକ୍ଷକ ।

# ଅନାଥା କଳିକା

ନବୀନ ମଲ୍ଲିକା ବୃନ୍ତୁ କୋମଳ କଳିକା
ପ୍ରକୃତି-ଜନନୀ କୋଳେ ସରଳା ବାଳିକା,

ଭୋଗି ନାହିଁ ଭବ-ଦୁଃଖ ଝଡ଼ ଝଞ୍ଜାବାତ,
ଅଢବମି ନାହିଁ ବାଳା ଜୀବନ-ପ୍ରଭାତ,

ତରୁଣ ଛଟକ ଭାବ ଅପାଙ୍ଗ-ସୁହାଣୀ,
ଚତୁର ସୁହାସ ଆଜି ନାହିଁ କିଛି ଜାଣି ।

ଦରେଟି ହସଇ ଶୁଣି ବିହଙ୍ଗମ-ରୁତ,
ବୃନ୍ତାସନେ ଧୀରେ ଧୀରେ ଦୋଳାଏ ମାରୁତ ।

ସ୍ୱର୍ଗୀୟ ସରଳ ଭାବ ପବିତ୍ର ମାଧୁରୀ,
ଏ ନବ କୋରକେ ଅଛି ଅପ୍ରକାଶ୍ୟ ପୂରି ।

ଶୈଶବ ସମସ୍ତ ତାର ଅଜ୍ଞାନ ସମସ୍ତ
ଏ କାଳେ ଭ୍ରମର ସଙ୍ଗେ ହେଲା ପରିଣୟ ।

ପର ପୁତ୍ରେ ପର କନ୍ୟା ହୁଏ କମ୍ପା ବନ୍ଦୀ,
ସାମାନ୍ୟ କଳିକା କାହୁଁ ଜାଣିବ ସେ ସନ୍ଧି ?

ଯୌବନ ସରସେ ନାହିଁ ଲାବଣ୍ୟ-ତରଙ୍ଗ
ସରସ ବସନ୍ତେ ସ୍ଫୁଟ ହୋଇନାହିଁ ଅଙ୍ଗ,

ଅନ୍ତର-ନନ୍ଦନ ମଧୁ ଦେଇନାହିଁ ଦେଖା,
ଯୁବତୀ ପଦରେ ଧନୀ ହୋଇନାହିଁ ଲେଖା,

ପ୍ରଣୟୀ ଭ୍ରମର ତେଣୁ କେବେ କେବେ ଆସେ
ଭ୍ରମଇ ଏକାନ୍ତେ ବାଳକଳିକା ସକାଶେ ।

ଗୁଣୁ ଗୁଣୁ ସ୍ୱରେ ଅତି ଅପ୍ରକଟ ଭାବେ
ନିତି ନୀତି ଉପଦେଶ କହଇ ତା କାନେ ।

ତାହାର ଶୈଶବ ତନୁ କେବେ ନ ପରଶେ,
ଭବିଷ୍ୟର ସୁଖ ଚିତ୍ର ଅଙ୍କଇ ମାନସେ;

କରେ ଅନୁକ୍ଷଣ ସ୍ୱପ୍ନ-ପ୍ରମୋଦ କଳ୍ପନା,
ନ ଜାଣି ସମୟେ ହେବ ଆସି କି ଘଟନା ।

ଆହା କି ବିଚିତ୍ର ଭବେ ବିଧାତା ବିଧିର,
ଆହ୍ଲାଦ ସଙ୍ଗତେ ଥାଏ କଷଣ ଅପାର ।

ବସନ୍ତ ପ୍ରଦୋଷେ ଯେବେ ଫୁଟିଲା ସେ କଳି,
ପାନ୍ଥ ପଦେ ଦଳିହୋଇ ନାଶ ଗଲା ଅଳି ।

ଫୁଲ ପ୍ରକଟିତ ବାସେ ପ୍ରୟୋଜନ କିସ ?
ହୋଇଲା ସରସ ମଧୁ ଏବେ ସିନା କିସ !

ମଧୁ ପିଇବାକୁ ଏଥି ନାହିଁ ତ ମଧୁପ,
ରସିକ ନ ଥିଲେ କିଏ ଆଦରେ ଏ ରୂପ ?

ବନ-ନିବାସିନୀ ମଲ୍ଲୀ ଏ ନବ ଯୌବନେ
ଏକାକିନୀ ଅନାଇଛି ଅନନ୍ତ ଗଗନେ ।

ନୀରବେ ଶିଶିର-ଅଶ୍ରୁ ଗଳଇ ନୟନୁଁ,
କମ୍ପେ ବଧୁରାର ଆଧା ଜରାଗ୍ରସ୍ତ ତନୁ ।

ଗୁପତେ ବାନ୍ଧୁକ କି ସେ କରଇ ବିଳାପ,
ପାଷାଣ ମାନବ-ହୃଦ ଜାଣେ କି ସେ ତାପ ?

ସହୃଦୟେ କେହି ଥରେ ନ ପକାଏ ଦୃଷ୍ଟି ,
ଧରାଧାମେ ଅକାରଣ ହେଲା କି ତା ସୃଷ୍ଟି ?

ବୃଥା ଶୋକ ପରିହର ମଲ୍ଲିକା-ସୁନ୍ଦରୀ !
ଧୈର୍ଯ୍ୟ ଧର ଏବେ ତୁମ ଅଦୃଷ୍ଟ ସୁମରି ।

ସୁମନ ସମାଜ ହୃଦେ ନାହିଁ ଦୟା ଲେଶ,
ନ ଶୁଣନ୍ତି ତୋ ବିଳାପ, ନ ଜାଣନ୍ତି କ୍ଳେଶ ।

ପ୍ରଣୟର ସ୍ଥାନ ନୁହେ ଏ ସଂସାର ଏକା,
ପ୍ରେମେ ପ୍ରଣୟୀ ସଙ୍ଗତେ ହେବ ସ୍ୱର୍ଗେ ଦେଖା ।

ଏହି ଦିବ୍ୟ ସାନ୍ତ୍ୱନାରେ ଆଶ୍ୱାସିଣ ମନେ,
କ୍ଷଣେ ଏଥି ରହି ଚଲ ଅମର ଭୁବନେ ।

## ଶିବରାତ୍ରି

କରିଅଛୁ ଉପବାସ ପୂଜିବ ଶଙ୍କର,
ଜାଗର ଜାଳିଣ ହେବ ନିଶି ଉଜାଗର ।
କାହିଁ ଗଲେ ଦେଖିବ ସେ ସତ୍ୟ ଶିବ ରୂପ,
ନାଶିବ କି ଦୀପ ଜାଳି ଘୋର ତମ ସ୍ତୂପ ?
ଉଜାଗର ରହିବାକୁ କାହିଁ ମୋର ବଳ,
କି ଦ୍ରବ୍ୟେ ପୂଜିବ ଅବା ସେ ପଦଯୁଗଳ ?
ଏ ଜଡ଼ ଜଗତେ କାହିଁ ଚିଦାନନ୍ଦ ତନୁ,
ବାହ୍ୟାଲୋକେ ଅନ୍ଧକାର ଯିବ କାହିଁ ମନୁ ?
ରାତ୍ରିକର ଉଜାଗରେ କିସ ପ୍ରୟୋଜନ ?
ନିଦ୍ରାବିମୋହିତ ମୋର ସମସ୍ତ ଜୀବନ !
କାହିଁ ପାରିଜାତ କାହିଁ ଜାହ୍ନବୀର ଜଳ,
କାହିଁ ବା ଅମର ଧାମ ହେମ ଶତଦଳ,
ଉପକରଣର ଲେଶ ନାହିଁ ଯେବେ ଭବେ,
ବ୍ରତ ଅନୁଷ୍ଠାନ କାହୁଁ କରିବେ ମାନବେ ?
ସନ୍ଦେହେ ବ୍ୟାକୁଳ ଏ ମୋ ଦୁର୍ବଳ ପରାଣ,
କରୁଣ କୃପାଦେ ଏବେ ମଗ୍ନ ମୋର ଜ୍ଞାନ,

ଅଶାନ୍ତ ଆବେଗରେ ହୃଦ ହୁଏ ଆଲୋଡ଼ିତ,
ଘୋର ଅବିଶ୍ୱାସ ତମେ ଚିତ୍ତ ବିଜଡ଼ିତ ।
ପ୍ରକୃତିର ସ୍ନିଗ୍ଧବେଶ ନ ଦେଖେ ନୟନ,
ଗ୍ରୀଷ୍ମ ମରୁ ସମ ଲାଗେ ସମସ୍ତ ଭୁବନ ।
ଅନ୍ତରୁ ନୀରବେ ଏବେ ହେଲା ଦିବ୍ୟବାଣୀ,
କିମ୍ପା ଅବିଶ୍ୱାସେ ଜଡ଼ ହେଉ ମୂଢ଼ ପ୍ରାଣି"?
ଜଡ଼ ବୋଲି ଯାହା ତୋତେ ହୁଅଇ ପ୍ରତୀତ,
ନ ଜାଣୁ ତହିଁ କି ଶକ୍ତି ରହିଛି ନିହିତ !
ଶକ୍ତି ବିନା ସତ୍ତା କେବେ ନୁହଇ ସମ୍ଭବ,
ତେଣୁ ସଦା ଶିବମୟ ଦେଖ ସର୍ବ ଭବ ।
ଦୂର ଦେବାଳୟେ ଯିବା ନାହିଁ ପ୍ରୟୋଜନ,
ନିଜ ଅଭ୍ୟନ୍ତର ଦେଖ ଫେଡ଼ଣ ନୟନ,
ହୃଦ-କୈଳାସେ ତୋର ବହେ ପ୍ରେମ-ଝର
ବିଜେ କରିଛନ୍ତି ତହିଁ ସ୍ୱୟମ୍ଭୂ ଶଙ୍କର;
ଶୁଚିମନ୍ତ ହୋଇ ନିତି ଜ୍ଞାନ-ଦୀପ ଜାଳି,
ଶୁଦ୍ଧ-ଭକ୍ତି-ରସ ଦିଅ ସେ ଶ୍ରୀପଦେ ଢାଳି,
ଉଜାଗର ରହି କର ତାଙ୍କ ପ୍ରିୟ କର୍ମ,
ପାଇବାକୁ ବାଞ୍ଛା ଯେବେ ଶିବରାତ୍ରି-ଧର୍ମ ।
ସମସ୍ତ ଜୀବନ କର ଏକ ଶିବରାତ୍ରି,
ଅନ୍ଧାରେ ନ ହୁଡ଼ ପଥ ହେ ସ୍ୱରଗ-ଯାତ୍ରି !

## ପଥିକ

ମୁଁ ତ ଚାଲୁଅଛି ମୋ କର୍ମ ଅଦର୍ଶ
କିଏ ମୋତେ ଅରେ ଥରେ,
ରହ ରହ କ୍ଷଣେ ପଥିକ ବୋଲିଣ
ଆଶ୍ୱାସି ଡାକେ ସାଦରେ !

ଏଣିକି ତେଣିକି ଚାହିଁଇ ନରେଖି
କେହି କାହିଁ ନ ଦିଶଇ,
ମୁହୂର୍ତ୍ତିକ ଅନ୍ତେ ପୁଣି ସେହି ମତେ
କିଏ ସେ କାହୁଁ ଡାକଇ ।

ମୁଁ ତ ଚାଲୁଅଛି ମୋ କର୍ମ ଆଦର୍ଶ
କିଏ ମଧେ ଥରେ ଥରେ,
ଅତି ମନୋରମା ପୀରତି-ପ୍ରତିମା
ଉଭା ହୁଏ ମୋ ପଥରେ !

କାହିଁ କେବେ ପର୍ଶ ଏ ରୂପ-ମାଧୁର୍ଯ୍ୟ
ଆସ୍ୱାଦ ତୋଷିଛି ପ୍ରାଣ,
ଯବୁଁ ଏହିପରି ପଲକେ ସେ ଶିରୀ
ହୁଏ କାହିଁ ଅନ୍ତର୍ଦ୍ଧାନ ।

ମୋ ପଥ ତ ମରୁ, ନାହିଁ ଲତା ତରୁ,
ନାହିଁ ବାୟୁ, ନାହିଁ ଜଳ;
ତେବେ ବେଳେ ବେଳେ କାହୁଁ ବହିଆସେ
ଏ ଶୀତଳ ପରିମଳ ?

ଏ ଗନ୍ଧ କାହାର ଅତି ଚମତ୍କାର
ନିମିଷେ ବିସ୍ମରୁ ମନ,
ନାହିଁ ସେ ସୁବାସ ନିଶ୍ୱାସ ପ୍ରଶ୍ୱାସ
ନିରୋଧେ ଝଞ୍ଜା ପବନ ।

କାହୁଁ ଏ ଆଶ୍ୱାସ, କାହୁଁ ଏ ସୁବାସ,
କାହାର ଏ ରୂପକାନ୍ତି,
ଏ ବିଜନ ସ୍ଥଳେ ପ୍ରାଣେ ଏକାବେଳେ
ଢଏ ସ୍ନିଗ୍ଧ ଶାନ୍ତି ଭ୍ରାନ୍ତି ।

ଅସରନ୍ତି ପାଟ ଏ ଦୁର୍ଗମ ବାଟ
ଚାହିଁଲେ ତୁଟେ ଚେତନା
କିଏ ବା ଚାଲନ୍ତା ନ ଲଭିଲେ ଏହି
ସ୍ୱର୍ଗୀୟ ସ୍ନେହ ସାନ୍ତ୍ୱନା !

## ଅବକାଶ-ଚିନ୍ତା

ନୀରସ ଅନ୍ତରେ ନିର୍ଜନ ପ୍ରାନ୍ତରେ
                    କିଏ ଧରନ୍ତା ଜୀବନ,
ଯେବେ ମୂର୍ତ୍ତିମନ୍ତୀ ପୂର୍ବ ପ୍ରୀତି ସ୍ମୃତି
                    ନ ଦିଅନ୍ତା ଦରଶନ ?

ପବିତ୍ର ବାସନା କରନ୍ତେ ପ୍ରେରଣା
                    ହୃଦେ ଆସେ ନବ ବଳ,
କର୍ମପଥ ଶ୍ରମ ହରିବାକୁ ଆହା
                    କି ବିଚିତ୍ର କଉଶଳ !

ବିଭୁ ଆଶ୍ୱାସନା ପବିତ୍ର ବାସନା
                    ଶ୍ରଦ୍ଧା ସୁଧା ସ୍ନେହାନନା,
କର୍ମ ମହାପଥେ କରୁଛନ୍ତି ପାନ୍ଥେ
                    ସ୍ଥାନେ ସ୍ଥାନେ ଅଭ୍ୟର୍ଥନା ।

ତେବେ କର୍ମପଥେ ବ୍ୟର୍ଥ ମନୋରଥେ
                    ଧୀର ମୁଁ ହେବି କିପାଇଁ ?
ଏହି କିଏ କହେ ବାଣୀ କି ଅନ୍ତରେ
                    ଆଶ୍ୱାସିଣ 'ନାହିଁ, ନାହିଁ' ?

## ଗିରି-ଶିଖେ ଲକ୍ଷ୍ୟ ରଖି ଚାଲିବ ମୁକର

ଯେତେ ଦୂର ଯାଏ ଚାଲି
ଚଉପାଶେ ଖାଲି ବାଲି,
ନାହିଁ କାହିଁ ଶ୍ୟାମଶସ୍ୟ ନବଦୂର୍ବାଦଳ,
ନାହିଁ ଲତା, ନାହିଁ ତରୁ,
କେବଳ ଭୀଷଣ ମରୁ,
ଦିଶେ ନାହିଁ କାହିଁ ଜଳ ଫୁଲ ଅବା ଫଳ ।

ସୁନୀଳ ସୁନ୍ଦର ଗିରି
ଧରି ଅନୁପମ ଶିରୀ
ଦିଶୁଥିଲା ଅଳପ ଦୂରେ ଚକ୍ରବାଳ ମୂଳେ,
ଉଜ୍ଜ୍ୱଳ ତାରକାରାଶି
ଦିବ୍ୟ ଆଲୋକେ ବିଭାସି
ଜଳନ୍ତର ଶୋଭୁଥିଲା ତାର ଚାରୁ ଚୂଳେ ।

ଭ୍ରମଣ ପ୍ରଥମ କ୍ଷଣେ
ଭାବି ନ ଥିଲି ମୁଁ ମନେ
ହେବ ବୋଲି ଏତେ ଦୂର ଏ ବିଷମ ପଥ,
କ୍ରମେ ବଢ଼ିଯାଏ କାଳ
କ୍ରମେ ଘୂର୍ଣ୍ଣେ ଚକ୍ରବାଳ
ଶିଥିଳ ସୈକତେ ଚଳେ ମୋର ମନୋରଥ ।

ଆଉ କେତେ ଦିନ ଅନ୍ତେ
ଏ ଦୁସ୍ତର ବାଲିବନ୍ତେ
ନ ଚଳି ରହିବ ପାଦ-ସିନା ଥକା ମାରି
ନ ଦେଖିବ ଜନ ଆଖି,
ଘୋର ପନ୍ଥାରେ ଏକାକୀ
ଝୁଲିଯିବ ସତେ ପ୍ରାଣ ବୃଥା ଘାରି ଘାରି !

ଗଲେ ପଛେ ଯାଉ ଜୀବ
ଯାହା ହେବ ଦେଖାଯିବ
ହେଲେ ହେଉ ଯେତେ ଦୂର ଏ ଦୁର୍ଗମ ପଥ,
କହ କେଉଁ ମୂଢ଼ ଜନ
କରି ଥରେ ବିଲୋକନ
ଏ ଅପୂର୍ବ ଦିବ୍ୟ ଦୃଶ୍ୟ ରହିବ ବିରତ ?

ଅବସନ୍ନ ହେଲେ କାୟା
ଆଶ୍ରିବି ଏ ଗିରି ଛାୟା,
ବାଲିଶେଯେ ଶୋଇବଇଁ ଯାଇ ଅଧେ ବାଟ,
ତାରକାର ଗିରି-ଚୂଡ଼େ
ନିବେଶି ନୟନ ଦୂରେ
ଫେଡ଼ିବ ପରମ ସୁଖେ ହୃଦୟ-କବାଟ ।

ସୁଦୂର ସାଗର-ଗୀତ
ଶ୍ରବଣେ ସ୍ୱର୍ଗୀୟ ପ୍ରୀତ
ଲଭିଣ ମୋ ପ୍ରାଣ-ପକ୍ଷୀ ଉଡ଼ିଯିବ ଧୀରେ,
ଅନୁସରି ସେହି ଗାନ
କରି ମନେ ଏକଧ୍ୟାନ
ଅବଶେଷେ ବସିବ ସେ ଗିରି ଉଚ୍ଚ ଶିରେ ।

ଦେଖି ଚନ୍ଦ୍ର-ଶୁଭ୍ର ଅଙ୍ଗ
ଲଭିବାକୁ ତାର ସଙ୍ଗ
ଧାଇଁ ଧାଇଁ ପଥେ ଶଶା ଛାଡ଼ିଲା ପରାଣ,
କେତେ ଦୂରେ ନଶାପତ
କାହିଁ ବା ଶଶକ ଗତ
ପାଇଲା ସେ ଅନ୍ତେ ପରି ସେହି ବକ୍ଷେ ସ୍ଥାନ !

ଶତ ଶଶୀ ବଳି ଶୋଭା
କି ବଚନ ମନୋଲୋଭା,
କପରି ଏହାର ଆଶା ଛାଡ଼ିବି ମୁଁ ନର,
ଗଲେ ପଛେ ଯାଉ ଜୀବ
ଯାହା ହେବ ଦେଖାଯିବ
ଗିରି-ଶିଖେ ଲକ୍ଷ୍ୟ ରଖି ଚାଲିବି ମୁଁ ନର ।

# ନୀରବ

( ୧ )

ନୀରବେ ପ୍ରସରେ କ୍ଷଣେ ଦିବ୍ୟ ଜ୍ୟୋତି ଧାର,
ନୀରବେ ଆକାଶେ ଉଦେ ରବି-ଶଶୀ-ତାର,
ନୀରବେ ବଢ଼ଇ ତରୁଲତା ମଞ୍ଜୁଧର,
ନୀରବ ନିଖିଳ ବିଶ୍ୱ ନିଗୂଢ଼ ମନ୍ତର ।

( ୨ )

ସଦା-କାଲ-ପାରାବାର-ଅନନ୍ତ ଗରଭେ
ମିଶଇ ସମସ୍ତ-ସ୍ରୋତ ସତତ ନୀରବେ,
ନୀରବେ ଜଗତ କରେ ନିଜ କକ୍ଷେ ଗତି,
ନୀରବ ନିଖିଳ ବିଶ୍ୱ ନିଗୂଢ଼ ଶକତି ।

( ୩ )

ନୀରବେ ପ୍ରେମିକ ନେତ୍ରେ ଅଶ୍ରୁ ଛଳ ଛଳ,
ନୀରବେ ସରସୀ-ବକ୍ଷେ ହସେ ଶତଦଳ,
ନୀରବେ ନିରାଶ ହୃଦେ ବହେ ଦୀର୍ଘଶ୍ୱାସ ।
ସୁଖେ ଦୁଃଖେ ପରାଣର ନୀରବ ଆଶ୍ୱାସ ।

( ୪ )

ତେବେ କିମ୍ପା ଚଉଦିଗେ ଚହଳ ଚିତ୍କାର,
କିମ୍ପାଇଁ ମାନବ କରେ ଏତେ ଅପଚାର ?
ଚାହଁ ଅନ୍ତରୀକ୍ଷ, ଚାହଁ ଆପଣା ଅନ୍ତର,
ଶୁଣ ଶିଖ ସାଧ ସଦା ନୀରବ ମନ୍ତର ।